

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୧ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 11 FEBRUARY 2021
Vol.No. 31 ■ No. 40 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଡ଼ିଶାରେ ଆସିବ ନୂଆ କୃଷି ଆଇନ

## ରାଜ୍ୟ ଭିତରେ ଯେଉଁଠି ଚାହିଁବ ଫସଲ ବିକ୍ରି କରି ପାରିବ ଚାଷୀ

ଭୁବନେଶ୍ୱର,୧୦।୦୨ (ନି.ପ୍ର): ଓଡିଶାରେ ଆସିବ ନୂଆ କୃଷି ଆଇନ୍ । ନୂଆ ଆଇନ୍ ଅନୁସାରେ ଚାଷୀ ରାଜ୍ୟ ଭିତରେ ଯେଉଁଠି ଚାହିଁବ, ନିଜ ଧାନ ବିକ୍ରି କରିପାରିବ । ଏନେଇ ଖୁବ୍ ଶୀଘ୍ର ଅଧ୍ୟାଦେଶ ଆଣିବାକୁ ଯାଉଛନ୍ତି ସରକାର । ସେପଟେ ଏମଏସପି ବା ସର୍ବନିମ୍ନ ସହାୟକ ମୂଲ୍ୟକୁ ଦୁଇଗୁଣା କରିବା ସହ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବ । ଗୋଟିଏ ପଟେ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ନେଇ ଦେଶରେ ହଟଚମଟ ଚାଲିଥିବା ବେଳେ ପ୍ରଚଳିତ କୃଷି ବଜାରର ଢାଞ୍ଚାକୁ ବଦଳାଇବାକୁ ଚାହୁଁଛନ୍ତି ରାଜ୍ୟ ସରକାର । ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାର ସୃଷ୍ଟି କରି କୃଷି ଆୟ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ଫଳରେ କୃଷିଜାତ ଦ୍ରବ୍ୟର ବିକ୍ରୟ ଉପରେ ଭୌଗଳିକ ପ୍ରତିବନ୍ଧକ ହଟିବ ଏବଂ ଉତ୍ପାଦକମାନଙ୍କୁ ସେମାନଙ୍କ ଉତ୍ପାଦନକୁ ରାଜ୍ୟର ଯେକୌଣସି ସ୍ଥାନରେ ବିକ୍ରି କରିବାକୁ ଅନୁମତି ମିଳିବ । ଅର୍ଥାତ୍ ଚାଷୀ ତା'ର ଉତ୍ପାଦନକୁ ରାଜ୍ୟର ଯେକୌଣସି ସ୍ଥାନରେ ବିକ୍ରି କରିପାରିବ । କ୍ୟାବିନେଟର ଅନୁମୋଦନ ପରେ ଏ ନେଇ ଖୁବଶୀଘ୍ର ଅର୍ଡିନାନସ ଆଣିବାକୁ ଯାଉଛନ୍ତି ସରକାର । କୃଷିଜାତ ଦ୍ରବ୍ୟ ବିକ୍ରି ଉପରେ ବିଭିନ୍ନ କଟକଣା ରହିଛି । ସରଳ ଭାଷାରେ କହିବାକୁ ଗଲେ କଳାହାଣ୍ଡିର ଚାଷୀ ତା'ର ଧାନକୁ ସ୍ୱାଭାବିକ ଭାବେ କଟକରେ ବିକ୍ରି କରିପାରୁନାହିଁ, ବରଗଡ଼ର ଚାଷୀ, ଭୁବନେଶ୍ୱରରେ ତା'ର ଉତ୍ପାଦନକୁ ବିକିବା ନେଇ ସମସ୍ୟାରେ ପଡୁଛି । କେନ୍ଦ୍ରର କୃଷି ଆଇନ ଭଳି କୃଷିଜାତ ଦ୍ରବ୍ୟର ବିକ୍ରୟ ନେଇ ଅଧ୍ୟାଦେଶ ଆଣୁଛନ୍ତି ରାଜ୍ୟ ସରକାର । ନଜର ପକାଇବା ଏହି ପ୍ରସ୍ତାବିତ ଅଧ୍ୟାଦେଶ ରେ କ'ଣ ରହିଛି । ରାଜ୍ୟ ମଧ୍ୟରେ ବଜାରର ▶▶ପୃଷ୍ଠା ୭



# ମୋବାଇଲରେ ମିଳିବ ଲର୍ଣ୍ଣିଂ ଲାଇସେନ୍ସ

## ପରିବହନ ବିଭାଗର ୯ଟି ଅନଲାଇନ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,୧୦।୦୨ (ନି.ପ୍ର): ଏଣିକି ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଆଉ ଆରଟିଓକୁ ଦୌଡିବାକୁ ପଡିବନି । ମୋବାଇଲରେ ଉମଙ୍ଗ ଆପ୍ ରେ ଘରେ ମିଳିପାରିବ ଲର୍ଣ୍ଣିଂ ଲାଇସେନ୍ସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦିନ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଏଥିସହ ଆରଟିଓକୁ ପେପର୍ ଲେସ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗର ୯ଟି ଅନଲାଇନ୍ ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ନୂଆ ସେବା ଅନୁଯାୟୀ ଲର୍ଣ୍ଣିଂ ଲାଇସେନ୍ସ ସମେତ ଗାଡ଼ି ରେଜିଷ୍ଟ୍ରେସନ୍, ମାଲ ପରିବହନ ପରମିଟ୍, ଗାଡ଼ି ରେଜିଷ୍ଟ୍ରେସନ ▶▶ପୃଷ୍ଠା ୭

## ହାଇକୋର୍ଟ ଗଲା କୋଟିଆ ପ୍ରସଙ୍ଗ

ଭୁବନେଶ୍ୱର,୧୦।୦୨ (ନି.ପ୍ର): କୋଟିଆ ପ୍ରସଙ୍ଗ ନେଇ ଭାରତୀୟ ବିକାଶ ପରିଷଦ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛି। ଏଥିରେ ଦର୍ଶାଯାଇଛି ଯେ ରାଜ୍ୟର ତିନିଗୋଟି ଜିଲ୍ଲା ଯାଥା ଗଞ୍ଜାମ, କୋରାପୁଟ ଓ ଗଜପତିର ମୋଟ ୫୮ ଗୋଟି ଗ୍ରାମରେ ଆନ୍ଧ୍ର ସରକାର ହସ୍ତକ୍ଷେପ କରିବାକୁ ଉଦ୍ୟମ କରୁଛନ୍ତି। ଆନ୍ଧ୍ର ସରକାର ତରଫରୁ ଓଡ଼ିଶା ସୀମା ଭିତରେ ଥିବା ଅଂଚଳରେ ପଂଚାୟତ ନିର୍ବାଚନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହେଇଯାଇଛି। ରାଜ୍ୟ ପ୍ରଶାସନର ଅବହେଳା ହେତୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ନ୍ୟାୟାଳୟ ତୁରନ୍ତ ସୀମାନ୍ତ ଗ୍ରାମଗୁଡିକରେ ଯେପରି ନିର୍ବାଚନ ପରିଚାଳନା କରାଯାଇପାରିବ ନାହିଁ ସେଥିପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଛି। ଉକ୍ତ ଅଂଚଳର ସର୍ବାଙ୍ଗୀନ ବିକାଶ କରାଯାଉ, ସମସ୍ତ ସରକାରୀ ସାହାଯ୍ୟ ପ୍ରଦାନ କରାଯାଉ। ପ୍ରମୁଖ ଶାସନ୍ ସଚିବ ଗୃହ ବିଭାଗ, ପ୍ରମୁଖ ଶାସନ ସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗଞ୍ଜାମ୍, ଗଜପତି ଓ କୋରାପୁଟର ଜିଲ୍ଲାପାଳ ମାନଙ୍କୁ ପକ୍ଷଭୁକ୍ତ କରି ମାମାଲା ରୁଜୁ କରାଯାଇଛି ।

## ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୦।୦୨ (ନି.ପ୍ର): ଓଡ଼ିଶା ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ ବିଧାନସଭା ପରିସରସ୍ଥ ପ୍ରକୋଷ୍ଠ ୫୫ରେ ଅନୁଷ୍ଠିତ ହୋଇଛି । ବିଧାୟିକା ଉଷା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମହିଳା ଓ ଶିଶୁବିକାଶ ତଥା ମିଶନ ଶକ୍ତି ବିଭାଗ ଉପରେ ବିଶେଷ ଆଲୋଚନା ହୋଇଥିଲା। କମିଟି ପ୍ରଦାନ କରାଯିବାକୁ ଥିବା ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ଉପରେ ମଧ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଧାୟିକା ସୁନନ୍ଦା ଦାଶ, ମଞ୍ଜୁଲତା ସ୍ୱାଇଁ, ମିନାକ୍ଷୀ ମହନ୍ତଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

# ଶ୍ରୀମନ୍ଦିର ଖୋଲିବା ନେଇ ପ୍ରଶାସନ ପକ୍ଷରୁ ନୂତନ ଏସଓପି ଜାରି

## ଏଣିକି ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିପାରିବେ ଭକ୍ତ, ରବିବାର ଖୋଲା ରହିବ ଶ୍ରୀମନ୍ଦିର

ପୁରୀ,୧୦।୦୨ (ନି.ପ୍ର): ଶ୍ରୀମନ୍ଦିର ଖୋଲିବା ନେଇ ପ୍ରଶାସନ ପକ୍ଷରୁ ନୂତନ ସ୍ପେଶାଲ ଅପରେଟିଙ୍ଗ ପ୍ରୋସିଜ୍ୟୁର (ଏସଓପି) ଜାରୀ କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାରଙ୍କ ଅଧକ୍ଷତାରେ ଶ୍ରୀମନ୍ଦିର ଖୋଲିବାକୁ ନେଇ ଏକ ବୈଠକ ଆଜି ମଧ୍ୟାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଗତ ଡ଼ିସେମ୍ବର ୨୨ ତାରିଖରେ ଅନୁଷ୍ଠିତ ବୈଠକରେ ଜାନୁଆରୀ ୧୧ ତାରିଖ ଠାରୁ ଶ୍ରୀମନ୍ଦିର ଖୋଲିବା ନେଇ ଏକ ନିର୍ଦ୍ଦେଶନାମା ଜାରୀ ହୋଇଥିଲା । କୋଭିଡ୍ ର ବର୍ତ୍ତମାନ ସ୍ଥିତିକୁ ଦେଖି ନିର୍ଦ୍ଦେଶନାମାରେ କିଛି ମାତ୍ରାରେ ପରିବର୍ତ୍ତନ କରାଯାଇଛି । ତଦନୁଯାୟୀ, ସପ୍ତାହର ୭ ଦିନ ଯାକ ମନ୍ଦିର ଖୋଲା ରହିବ । ସାନିଟାଇଜ୍ ପାଇଁ ରବିବାର ଦିନ ମନ୍ଦିର ଆଉ ବନ୍ଦ ରହିବ ନାହିଁ । ପୁରୀ ସହରବାସୀ ସକାଳ ୬ଟା ଠାରୁ ୭ଟା ପର୍ଯ୍ୟନ୍ତ ଦର୍ଶନ କରିପାରିବେ । ଶ୍ରଦ୍ଧାଳୁ ମାନେ ମନ୍ଦିର ଭିତର ଓ ବାହାରେ ମୁହଁରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି । ଏହା ସହ ହାତ ସାନିଟାଇଜ୍ କରି ମନ୍ଦିର ଭିତରେ ପ୍ରବେଶ କରିବେ । ଶ୍ରଦ୍ଧାଳୁ ମାନେ କୋଭିଡ୍ ନିୟମ ଅନୁଯାୟୀ ଶାରିରୀକ ଦୂରତା ରକ୍ଷା କରିବେ । ମନ୍ଦିର ଭିତରେ କୌଣସି ମୂର୍ତ୍ତିକୁ ଛୁଇଁ ପାରିବେ ନାହିଁ । ମନ୍ଦିର ଭିତରକୁ ପାନ, ଗୁଟଖା ଖାଇ କିମ୍ବା ନେଇ ଯାଇପାରିବେ ନାହିଁ । ଯଦି ଏହାର ଉଲ୍ଲଙ୍ଘନ କରନ୍ତି ବା ଧରାପଡନ୍ତି ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୦୦୦ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ । ▶▶ପୃଷ୍ଠା ୭



# କୋଟିଆରେ ବିଜେପି ପ୍ରତିନିଧି ଦଳ

କୋଟିଆ,୧୦।୦୨ (ନି.ପ୍ର): କୋଟିଆ ହେଉଛି ଓଡିଶାର ମୁକୁଟ । କୋଟିଆର ଲୋକ ମାନେ ଓଡିଶାର ଥିଲେ, ରହିଛନ୍ତି ଓ ରହିବେ । ଓଡିଶାର କୌଣସି ଅଂଚଳ ପ୍ରତି ପଡୋଶୀ ରାଜ୍ୟର ନଜରକୁ ବରଦାସ୍ତ କରା ଯିବ ନାହିଁ । ତେବେ ଖାଲି ପଡୋଶୀ ଆନ୍ଧ୍ର ପ୍ରଦେଶର ଦୋଷ ଦେଲେ ହେବ ନାହିଁ, ରାଜ୍ୟ ସରକାରଙ୍କର ଅପାରଗତା ପାଇଁ ଏପରି ହେଉଛି ବୋଲି କହିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ । ବିଜେପି ପ୍ରତିନିଧି ଦଳ ଏଠାରେ ପହଂଚି ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତା ପରେ ଶ୍ରୀ ନାଏକ ଏହା କହିଛନ୍ତି । ସେ କହିଛନ୍ତି ଯେ -ରାଜ୍ୟ ସରକାର କୋଟିଆରେ କାହିଁକି ବିକାଶ କରି ପାରିଲେ ନାହିଁ ଓ କେନ୍ଦ୍ର ସରକାର ଦେଇଥିବା ଯୋଜନା ଗୁଡିକୁ କୋଟିଆରେ ପହଂଚାଇ ପାରିଲେ ନାହିଁ ଏହାର ଜବାବ ରାଜ୍ୟ ସରକାର ଦେବା ଆବଶ୍ୟକ । ସେ କହିଛନ୍ତି ଯେ ଏବେ ରାଜ୍ୟ ସରକାର ସୁପ୍ରିମକୋର୍ଟଯିବା ପାଇଁ କରିଥିବା ଘୋଷଣା କେବଳ ଲୋକଦେଖାଣିଆ । ରାଜ୍ୟ ସରକାର ମହାନଦୀ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ତଥ୍ୟ ଦେଇ ପାରୁ ନାହାନ୍ତି । ତେଣୁ କୋଟିଆରେ କଣ କରିବେ ?ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଉଛନ୍ତି ବୋଲି ଯେଉଁ ବାହାଦୁରୀ ମାରୁଛନ୍ତି ତାହା ତାଙ୍କର ଅଯୋଗ୍ୟତାର ନିଦର୍ଶନ ବୋଲି ସେ କହିଛନ୍ତି । ଖାଲି କୋଟିଆ ନୁହେଁ ଗଜପତି, ବାଲେଶ୍ୱର ଜିଲ୍ଲାରେ ସୀମାବର୍ତ୍ତି ଅଂଚଳରେ ପଡୋଶୀ ରାଜ୍ୟ ମାନେ ଏପରି ବିବାଦ କରୁଛନ୍ତି ସେଥି ପାଇଁ ରାଜ୍ୟ ସରକାର ଧ୍ୟାନ ଦେବା ଦରକାର । ନ ହେଲେ ୧୯୩୬ ମସିହାରେ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଦେଶରେ ପ୍ରଥମ ଭାଷାଭିତିକ ରାଜ୍ୟ ଭାବେ ଆମର ପୂର୍ବ ପୁରୁଷ ମାନେ ତିଆରି କରିଥିଲେ, ତାର ଗାରିମା ଉପରେ ଆଂଚ ଆସିବ । ରାଜ୍ୟ ସରକାର କୋଟିଆରେ ଆଦିବାସୀ ମାନଙ୍କର ରୋଜଗାର ପାଇଁ ବିଶେଷ ଯୋଜନା କରନ୍ତୁ । କୋଟିଆରେ ସମସ୍ତ ପ୍ରକାର ମୌଳିକ ସୁବିଧା ଯେପରିକି ପାଣି, ବିଜୁଳି ଓ ପକ୍କା ଘର ଆଦି ସମସ୍ତଙ୍କୁ ପହଂଚିବ ତାହା ସୁନିଶ୍ଚିତ କରନ୍ତୁ । ରାଜ୍ୟ ସରକାର ଆଗାମୀ ଉତ୍କଳ ଦିବସ କୋଟିଆରେ ପାଳନ କରନ୍ତୁ । କୋଟିଆରେ ପର୍ଯ୍ୟଟନର ବିକାଶ ପାଇଁ ▶▶ପୃଷ୍ଠା ୭

## ପୁଣି ବଢିଲା ପେଟ୍ରୋଲ, ଡିଜେଲର ମୂଲ୍ୟ



ଭୁବନେଶ୍ୱର,୧୦।୦୨ (ନି.ପ୍ର): ତୈଳ କମ୍ପାନୀ ମାନଙ୍କ ଦ୍ୱାରା ଆଜି ପୁଣି ପେଟ୍ରୋଲ ଓ ଡିଜେଲର ମୂଲ୍ୟବୃଦ୍ଧି କରାଯାଇଛି । ଏହା ଫଳରେ ମୁମ୍ବାଇରେ ପେଟ୍ରୋଲ ଦର ସର୍ବକାଳୀନ ରେକର୍ଡ ଭାଙ୍ଗି ୯୪ ଟଙ୍କା ପାର କରିଥିବା ବେଳେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୮୭.୬୦ ଟଙ୍କାରେ ପହଂଚିଛି । ତୈଳ କମ୍ପାନୀ ମାନଙ୍କ ଦ୍ୱାରା ଆଜି ପେଟ୍ରୋଲ ଉପରେ ଲିଟର ପିଛା ୩୦ ପଇଷା ଓ ଡିଜେଲ ଉପରେ ୨୫ ପଇଷା ମୂଲ୍ୟ ବୃଦ୍ଧି କରାଯାଇଛି । ଅର୍ନ୍ତରାଷ୍ଟ୍ରୀୟ ବଜାରରେ ଲଗାତର ଭାବେ ଅଶୌଦ୍ଧିତ ତୈଳଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବରେ ଦେଶରେ ▶▶ପୃଷ୍ଠା ୭

# କେମିତି ଅଚାନକ୍ ପାହାଡ ଉପରୁ ମାଡି ଆସିଥିଲା ପ୍ରଳୟ : ସାମ୍ନାକୁ ଆସିଲା ଘଟଣା ବେଳର ଦୃଶ୍ୟ

ଉତ୍ତରାଖଣ୍ଡ,୧୦।୦୨ (ନି.ପ୍ର): ହିମସ୍ଖଳନ ବେଳେ କେମିତି ଥିଲା ସ୍ଥିତି ତାର ଏକ ଛାତିଥରା ଦୃଶ୍ୟ ସାମ୍ନାକୁ ଆସିଛି । ହିମସ୍ଖଳନ ବେଳେ ଋଷିଗଙ୍ଗା ହାଇଡ୍ରୋ ଇଲେକଟ୍ରିକ ପ୍ରୋଜେକ୍ଟର କର୍ମଚାରୀ କିପରି କାଦୁଅ ପାଣିରେ ଭାସିଯାଇଛନ୍ତି ସେହି ସମୟରଦୃଶ୍ୟ । ହିମସ୍ଖଳନ ପରେ ଯେତେବେଳେ କାଦୁଅ ପାଣି ପ୍ରବଳ ବେଗରେ ମାଡି ଆସିଥିଲେ ଜୀବନ ବଂଚାଇବା ପାଇଁ ଡ୍ୟାମର କିଛି କର୍ମଚାରୀ ଉପରକୁ ଚଢିଯାଇଥିଲେ । ହେଲେ ନିଜକୁ ବଂଚାଇ ପାରିନଥିଲେ । ଆଖି ପିଛୁଳାକେ ପାହାଡ ଉପରୁ ମାଡି ଆସିଥିବା ହିମସ୍ଖଳନ, ଶକ୍ତିଶାଳୀ କଂକ୍ରିଟ ଓ ଲୁହାରେ ନିର୍ମିତ ବନ୍ଧଙ୍କୁ ବି ଭସେଇ ନେଲା । କେବଳ ଏତିକି ନୁହଁ ପାହାଡ ତଳେ ଥିବା ଗାଁ ପୁରା ଭାସି ଯାଇଛି । ଏବେବି ଶତାଧିକ ଲୋକଙ୍କର କୌଣସି ପତା ମିଳିନି । ▶▶ପୃଷ୍ଠା ୭



## ମାଟ୍ରିକ୍ ପରୀକ୍ଷା ଫର୍ମ ପୂରଣ ଅବଧି ବୃଦ୍ଧି



ଭୁବନେଶ୍ୱର,୧୦।୦୨ (ନି.ପ୍ର): ମାଟ୍ରିକ୍ ପରୀକ୍ଷା ଫର୍ମ ପୂରଣ ଅବଧିକୁ ବୃଦ୍ଧି କରାଯାଇଛି। ଛାତ୍ରଛାତ୍ରୀମାନେ ୧୨ ତାରିଖ ମଧ୍ୟରାତ୍ରୀ ଯାଏଁ ଫର୍ମ ପୂରଣ କରିପାରିବେ। ଯଦି କୌଣସି ପିଲା ଫର୍ମ ପୂରଣ କରି ନଥିବେ, ତା'ହେଲେ ଅନୁଷ୍ଠାନର ମୁଖ୍ୟ ସେମାନଙ୍କ ପାଇଁ ସେହି କାର୍ଯ୍ୟ କରିପାରିବେ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଜାନୁଆରୀ ୧୦ ତାରିଖରୁ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ଫିଲଅପ୍ ଆରମ୍ଭ ହୋଇଥିଲା। ଫର୍ମ ପୂରଣର ଶେଷ ତାରିଖ ଫେବୃଆରୀ ୨ ତାରିଖ ରହିଥିବା ବେଳେ ▶▶ପୃଷ୍ଠା ୭

# ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନଙ୍କ ପରିବାରରେ ଫାଟ

## ନୂଆ ଦଳ ଗଢ଼ିବାକୁ ଭଉଣୀ ଶର୍ମିଳାଙ୍କ ସଙ୍କେତ

ନୂଆଦିଲ୍ଲୀ,୧୦।୦୨: ୱାଇଏସ୍ଆର୍ କଂଗ୍ରେସ ସଭାପତି ତଥା ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡିଙ୍କ ଭଉଣୀ ଶର୍ମିଳା ୱାଇଏସ୍ଆର୍ କଂଗ୍ରେସ ଛାଡ଼ିବେ ଏବଂ ଏବଂ ଏକ ନୂଆ ଦଳ ଗଢ଼ିବେ ବୋଲି ସ୍ପଷ୍ଟ ସଙ୍କେତ ଦେଇଛନ୍ତି। ଏହାକୁ ନେଇ ଜଗନଙ୍କ ପରିବାରରେ ବଡ଼ ଫାଟ ସୃଷ୍ଟି ହୋଇଛି। ଶର୍ମିଳା ତାଙ୍କ ଦିବଂଗତ ପିତା ତଥା ପୂର୍ବ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ୍ଡିଙ୍କ ଘନିଷ୍ଠ ସହଯୋଗୀଙ୍କ ସହ ଏ ବାବଦରେ ବିଚାରବିମର୍ଶ ଜାରି ରଖିଛନ୍ତି।



'ରାଜନ୍ନା ରାଜ୍ୟମ୍' ପ୍ରତିଷ୍ଠା ଲକ୍ଷ୍ୟରେ ସେ କାମ କରିବେ ଏବଂ ଖୁବ୍ଶୀଘ୍ର ଲୋକଙ୍କ ପାଖକୁ ଯିବେ ବୋଲି ଶର୍ମିଳା କହିଛନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ସେ ତେଲେଙ୍ଗାନାର ନାଲ୍‌ଗୋଣ୍ଡା ଜିଲ୍ଲାରେ ଜନସଂପର୍କ କାର୍ଯ୍ୟକ୍ରମ ମଧ ଆରମ୍ଭ କରିଛନ୍ତି।

## ହୋଟେଲ ମାଲିକଙ୍କୁ ହତ୍ୟା

ରାଉରକେଲା,୧୦।୦୨ (ନି.ପ୍ର): ରାଉରକେଲାରେ ହୋଟେଲ ମାଲିକଙ୍କୁ ବୀଭତ୍ସ ହତ୍ୟା । ବିଳମ୍ବିତ ରାତିରେ ଘରେ ପଶି ହତ୍ୟା କରିଛନ୍ତି ଦୁର୍ବୃତ୍ତ । ରାଉରକେଲା ଡିଏଭି ସ୍କୁଲ ନିକଟରେ ରହୁଥିବା ୫୭ ବର୍ଷୀୟ ବସେରା ହୋଟେଲର ମାଲିକ ସଜ୍ଜନ ମିତଲଙ୍କୁ ହତ୍ୟା କରାଯାଇଛି । ଲୁହାରଡ଼ରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ । ▶▶ପୃଷ୍ଠା ୭

# ସନ୍ ହସ୍ପିଟାଲ୍ ସାମୟିକ ବନ୍ଦ

ଭୁବନେଶ୍ୱର,୧୦।୦୨ (ନି.ପ୍ର): କଟକ ବିଜୁ ପଟ୍ଟନାୟକ ସ୍ଥିତ ସନ୍ ହସ୍ପିଟାଲ୍‌କୁ ଜିଲ୍ଲା ପ୍ରଶାସନ ସାମୟିକ ଭାବେ ବନ୍ଦ କରି ଦେଇଛନ୍ତି । କଟକ ଜିଲ୍ଲାପାଳ ଭବାନୀଶଙ୍କର ଚୟନ ଏହି ସୂଚନା ଦେଇଛନ୍ତି। ଏଠାରେ ଅଗ୍ନିକାଣ୍ଡ ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ଶୋ' କଜ୍ ନୋଟିସ୍ ହୋଇଥିଲା। ତେବେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସାମୟିକ ଭାବେ ପ୍ରଶାସନ ପକ୍ଷରୁ ହସ୍ପିଟାଲ୍‌କୁ ବନ୍ଦ କରି ଦିଆଯାଇଥିବା ସୂଚନା ଦିଆ ଯାଇଛି। ଅଗ୍ନି ନିରାପତା ଆଇନ୍ ଖିଲାପ କରିବା ସହ ବେଆଇନ୍ ଭାବେ ଚାଲିଥିବାରୁ ଏହାକୁ ବନ୍ଦ କରି ଦିଆଯିବାକୁ ନିଷ୍ପତି ନିଆଯାଇଥିବା ଜିଲ୍ଲାପାଳ କହିଛନ୍ତି। ଉଲ୍ଲେଖନୀୟ ଯେ ଫେବୃଆରୀ ୧ ତାରିଖ ଅପରାହ୍ଣରେ 'ସନ୍ ହସ୍ପିଟାଲ୍'ରେ ନିଆଁ ଲାଗି ଯାଇଥିଲା। ହସ୍ପିଟାଲ୍‌ର ପଂଚମ ମହଲାଟି ସମ୍ପୂର୍ଣ୍ଣ ଜଳିପୋଡ଼ି ଧ୍ୱଂସ ହୋଇ ଯାଇଥିଲା। ଘଟଣାସ୍ଥଳରେ ୭ଟି ଅଗ୍ନିଶମ ଗାଡ଼ି ଓ ୫୦ ଜଣ କର୍ମଚାରୀ ପହଂଚି ନିଆଁକୁ ଆୟତ କରିଥିଲେ।



# ସାମାଜିକ ବାଛନ୍ଦ ପରିବାରର ଶୀକାର ପରିବାର ଧାରଣାରେ

## ଆରଟିଆଇରେ ସୂଚନା ମାଗିବାରୁ ବାଛନ୍ଦ




ଭଦ୍ରକ,୧୦।୨ (ନି.ପ୍ର): ଗ୍ରାମରୁ ବେଆଇନ ବାଛନ୍ଦ ପ୍ରଥା ଉଚ୍ଛେଦ, ଏହି ପ୍ରଥାକୁ ପ୍ରୋତ୍ସାହନ ଦେଉଥିବା ଗ୍ରାମର ମୁଖୀଆଙ୍କୁ ଗିରଫ କରିବା, ଗତ ରିଲିଫ ପରିଚାଳନା ବେଳେ, ଅନିୟମିତତା କରିଥବବା ସରକାରୀ କର୍ମଚାରୀଙ୍କ ବିରୋଧକୁ ବହିଷ୍କାର କରିବା, ମୃତବ୍ୟକ୍ତିଙ୍କ ନାମରେ ନକଲି ଦସ୍ତଖତ କରି ରିଲିଫ ସାମଗ୍ରୀ ଉଠାଣ କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ଗ୍ରହଣ, ଗ୍ରାମ ଲୋକଙ୍କ ଠାରୁ ବେଆଇନ ଭାବେ ୧୦ ହଜାର ଟଙ୍କା ବେଆଇନ ଜରିମାନା ଆଦାୟ ବନ୍ଦ କରିବା ଓ ଜରିମାନା ନଦେଲେ ସେମାନଙ୍କୁ ଦିଆଯାଉଥିବା ମାନସିକ ଓ ଆର୍ଥୀକ ନିର୍ଯ୍ୟାତନା ବନ୍ଦ କରିବା ଦାବିରେ ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ତିହାଡ଼ି ସାହି ଗ୍ରାମର ବାଛନ୍ଦ ହୋଇଥିବା କେତେକ ପରିବାରରର ସଦସ୍ୟ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ପରିବାରଙ୍କୁ ଏପରି ଦଶା ଭୋଗିବାକୁ ପଡୁଛି ବୋଲି ସସ୍ମିତା ମଲିକ, ପ୍ରମିଳା ଦାସ, ଆବାସୀଦାସ, ସେଶବ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି । ସେମାନେ କରିଥିବା ଅଭିଯୋଗ ଅନୁଯାୟୀ ୨୦୨୦ ମସିହା ବନ୍ୟାରେ ଏହି ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଥିଲା । ଏହି କାରଣରୁ ସରକାରଙ୍କ ପକ୍ଷରୁ ରିଲିଫ ବ୍ୟବସ୍ଥା କରାଯାଇଥିଲା । ୨୦୧୧ ଜନଗଣନା ତାଲିକା ଅନୁଯାୟୀ ରିଲିଫ ବଣ୍ଟନ କରାଯାଇଥିଲା । ସେଥିରେ ୰ ଶଂଖାଳୀ ମଲିକଙ୍କ କନ୍ୟା ୰ପାଗଳୀ ଦାସ, ମୋହନ ଦାସ, ୰ଗଙ୍ଗାଧର ଦାସଙ୍କ ନାମରେ ଅନ୍ୟ ଲୋକଙ୍କ ଦସ୍ତଖତ କରାଇ ରିଲିଫ ସାମଗ୍ରୀ ଉଠାଇଛନ୍ତି । ଏପରିସ୍ଥଳରେ ୰ ଉପେନ୍ଦ୍ର ଦାସଙ୍କ ପତ୍ନୀ ସୁବାଷିନୀଙ୍କ ନାମ ଏହି ତାଲିକାରେ ଥିଲେ ମଧ ତାଙ୍କୁ ଏହା ମିଳି ନାହିଁ । ତେବେ ଏହି ପରିପ୍ରେକ୍ଷୀରେ ଆରଟିଆଇ ତଥ୍ୟ ମାଗି ଥିବାରୁ ଏବେ ଆମକୁ ନିର୍ଯ୍ୟାତନାର ଶୀକାର ହେବାକୁ ପଡ଼ିଛି ବୋଲି ଧାରଣାରତ ଅଭିଯୋଗ କରିଛନ୍ତି । ଏହି ବାଛନ୍ଦ ସମ୍ପର୍କରେ ବିଡ଼ିଓଙ୍କୁ ଅଭିଯୋଗ କରାଯାଇଥିଲା । ତେବେ ବିଡିଓ ବାଛନ୍ଦ ପରି ଅଭିଯୋଗର ତଦନ୍ତ ପାଇଁ ପିରାହାଟ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏଦିଗରେ ତଦନ୍ତ ଆରମ୍ଭ ହୋଇ ନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ ବୋଲି ଧାରଣାକାରୀ ଅଭିଯୋଗ କରିଛନ୍ତି । ତେଣୁ ସେମାନେ ଧାରଣାରେ ବସିବାକୁ ବାଧ ହୋଇଛନ୍ତି ବୋଲି ଗଣମାଧମକୁ କହିଛନ୍ତି ।

# ସହରାଂଚଳ କର୍ମନିଯୁକ୍ତି ଓ ମଳ ପରିଚାଳନା ପାଇଁ ଓଡିଶାକୁ ସମ୍ମାନଜନକ ଆର୍ନ୍ତଜାତିକ ପୁରସ୍କାର

## ଅଭିନବ ପଦକ୍ଷେପ ଲାଗି ବିଶ୍ୱର ୧୫ଟି ରାଷ୍ଟ୍ର ସହିତ ଓଡିଶାକୁ ମିଳିବ ମେଡାଲ

ଭୁବନେଶ୍ୱର,୧୦।୨ (ନି.ପ୍ର): ସହରାଂଚଳରେ କର୍ମନିଯୁକ୍ତି ଏବଂ ମଳ ପରିଚାଳନା ପାଇଁ ଅଭିନବ ପଦକ୍ଷେପ ଲାଗି ଆର୍ନ୍ତଜାତୀୟ ପୁରସ୍କାରପାଇବ ଓଡିଶା । ଦେଶର ଏକମାତ୍ର ରାଜ୍ୟ ଭାବେ ଓଡିଶା ଆର୍ନ୍ତଜାତିକ ତାଲିକାର ପ୍ରଥମ ୧୫ଟି ସ୍ଥାନରେ ଥିବାବେଳେ ପରବର୍ତ୍ତୀ ୩୦ଟି ତାଲିକାରେ ମଧ ନାମ ଦରଜ କରିଛି । ତାଲିକାରେ ଥିବା ସମସ୍ତ ୧୫ଟି ରାଜ୍ୟ ମେଡାଲ ପାଇବାକୁ ଥିବାବେଳେ ଅନ୍ୟ ୩୦ଟିକୁ ସାର୍ଟିଫିକେଟ ପ୍ରଦାନ କରାଯିବ । ସହରାଂଚଳ ମଜୁରୀ ଭିତିକ ନିଯୁକ୍ତି ପଦକ୍ଷେପ (ୟୁଡବ୍ଲ୍ୟୁଇଆଇ) ରାଜ୍ୟର ୧୧୪ଟି ପୌରସଂସ୍ଥାରେ କାର୍ଯ୍ୟକାରୀ ହେଉଥିବାବେଳେ ବ୍ରହ୍ମପୁର ମହାନଗର ନିଗମରେ ମଳ ପରିଚାଳନା (ଏଫଏସଏସଏମ) ପାଇଁ ସମ୍ମାନଜନକ ୨୦୨୦ ଗ୍ୱାଙ୍ଗଝାଓ ଆର୍ନ୍ତଜାତିକ ପୁରସ୍କାର ପାଇବାକୁ ଯାଉଛି । ସେହିପରି ଜନସାଧାରଣଙ୍କ ପାଇଁ ସହରାଂଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମରେ ପୁରୀରେ କାର୍ଯ୍ୟକାରୀ ହେଉଥିବା 'ଡ୍ରିଙ୍କ୍ ଫ୍ରମ ଟ୍ୟାପ ମିଶନ' 'ଡିଜରଭିଂ ଇଂଟରଭେନସନ' ବର୍ଗରେ ସର୍ବୋଚ୍ଚ ୩୦ଟି ତାଲିକାରେ ସ୍ଥାନ ପାଇଛି । ରାଜ୍ୟ ପଂଚାୟତିରାଜ, ପାନୀୟଜଳ, ଆଇନ୍, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଏଭଳି ପୁରସ୍କାର ପାଇଁ ବିଭାଗର ଅଧିକାରୀମାନଙ୍କୁ ସେମାନଙ୍କ କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ୨୦୨୦ ଗ୍ୱାଙ୍ଗଝାଓ ପୁରସ୍କାର ପାଇଁ ସାମାଜିକ, ଆର୍ଥିକ ଏବଂ ଦୀର୍ଘସ୍ଥାୟୀ ପରିବେଶ ଉପରେ ବିଶ୍ୱର ୬୦ ଦେଶରୁ ୧୭୫ଟି ସହରରୁ ୨୭୩ଟି ପଦକ୍ଷେପ ଦାଖଲ କରିଥିଲେ । ଏହି ପୁରସ୍କାର ଗ୍ୱାଙ୍ଗଝାଓ ସହର ଏବଂ ବିଭିନ୍ନ ସ୍ଥାନୀୟ ଆଂଚଳିକ ଏବଂ ମେଟ୍ରୋପଲିଟାନ ସହର ନେଟୱାର୍କକୁ ନେଇ ମିଳିତ ଭାବେ ପ୍ରଦାନ କରାଯାଉଛି । ଦୀର୍ଘସ୍ଥାୟୀ ବିକାଶ ଏବଂ ଜଳବାୟୁ ପରିବର୍ତନ ପାଇଁ ଥିବା ଆଇଏଲଇଆଇ ଏବଂ ସି୪୦ । ଓଡିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯିଏ କି ଦୁଇଟି ବର୍ଗରେ ତାଲିକାଭୁକ୍ତ ହୋଇପାରିଛି । ତାଲିକାଭୁକ୍ତ ହୋଇଥିବା ବିଶ୍ୱର ଅନ୍ୟ ୧୫ଟି ସହର ହେଉଛି ଅଷ୍ଟ୍ରେଲିଆର ଉନଲେ, ଅଷ୍ଟ୍ରିଆର ୱାଏନ, ବ୍ରାଜିଲର ସା ଜୋସ ଡୋସ ପିନହାଇସ୍ , ଦକ୍ଷିଣ ଆଫ୍ରିକାର ୱେଷ୍ଟର୍ଣ୍ଣ କେପ୍ , ଲେବାନନର ୟୁନିଅନ ଅଫ୍ ମ୍ୟୁନିସିପାଲିଟି ଓ ଆମେରିକାର ଲସଆଞ୍ଜେଲସ୍ ଆଦି ରହିଛି ।

# ଏଥର ହେବନି ଖଣ୍ଡଗିରି ମେଳା

ଭୁବନେଶ୍ୱର,୧୦।୨ (ନି.ପ୍ର): ଚଳିତ ବର୍ଷ ହେବନି ଖଣ୍ଡଗିରି ମେଳା । ଖଣ୍ଡଗିରିରେ ଯାତ୍ରା ଓ ମେଳା ଆୟୋଜନକୁ ନା କହିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) । କେବଳ ବିଧି ରଖିବା ପାଇଁ ପୂଜା କରାଯିବ । ଯାହାଫଳରେ କଳାକାର, ଯାତ୍ରା ପାର୍ଟି ମାଲିକ ଓ ଆୟୋଜକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । ଚଳିତବର୍ଷ ମହାମାରୀ କରୋନା ପାଇଁ ମେଳା ଓ ଯାତ୍ରାକୁ ନେଇ ଦ୍ୱନ୍ଦ୍ୱ ଲାଗିଥିଲା । ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡଗିରି ମେଳା ପାଇଁ ଅନୁମତି ଦେବା ଅସମ୍ଭବ ବୋଲି ଗତକାଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧରୀ କହିଥିଲେ । ମେଳାରେ ପ୍ରାୟ ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହେବାକୁ ଥିବାବେଳେ ସେହି ସ୍ଥାନରେ କୋଭିଡ୍ କଟକଣା ଭିତରେ ଯାତ୍ରା ପାଇଁ ଅନୁମତି ଦେବା ଅସମ୍ଭବ । ଯାତ୍ରା ହେଉଥିବା ସ୍ଥାନରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ କୋଭିଡ୍ କଟକଣା ପାଳନ କରିବା ମଧ ସମ୍ଭବ ହୋଇନପାରେ ।

# କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଯିବେ ଓଡ଼ିଶା ସରକାର

ଭୁବନେଶ୍ୱର,୧୦।୨ (ନି.ପ୍ର): କୋଟିଆରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଂଚାୟତ ନିର୍ବାଚନ କରାଯିବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଯିବେ ଓଡ଼ିଶା ସରକାର । ଏନେଇ ସୁପ୍ରିମକୋର୍ଟରେ ରିଟ୍ ପିଟିସନ କରିବାକୁ ରାଜ୍ୟ ଆଇନ ବିଭାଗ ଏଓଆର ଶିବଶଙ୍କର ମିଶ୍ରଙ୍କୁ ମଙ୍ଗଳବାର ଚିଠି ଲେଖିଛି । କୋଟିଆ ପ୍ରସଙ୍ଗରେ ସୋମବାର କଟକରେ ଆଡଭୋକେଟ୍ ଜେନେରାଲଙ୍କ ସହ କୋରାପୁଟ ଏଡିଏମ୍ ଓ ସରକାରୀ ଓକିଲ ଆଲୋଚନା କରିଥିଲେ । ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର କହିଥିଲେ ଯେ ସୁପ୍ରିମକୋର୍ଟ ନୁହେଁ ଓଡ଼ିଶା ପାଖରେ କେବଳ ବିକଳ୍ପ ହେଉଛି କେନ୍ଦ୍ର ରାଜ୍ୟ ସରକାର ସୀମା ବିବାଦ ନେଇ କେନ୍ଦ୍ର ଗୃହମନ୍ତ୍ରାଳୟ ନିକଟରେ ଆବେଦନ କରିପାରିବେ । ସୂଚନାଯୋଗ୍ୟ ଯେ ଓଡ଼ିଶାର ୩ଟି ଗାଁରେ ଆନ୍ଧ୍ରପ୍ରଦେଶ ପଂଚାୟତ ନିର୍ବାଚନ କରୁଛି । ପଂଚାୟତ ନିର୍ବାଚନ ପାଇଁ ୩ଟି ଗାଁରୁ ୧୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଗଞ୍ଜେଇବାଦ୍ରା ନାଁରେ ଓଡ଼ିଶାର ତଳଗଞ୍ଜେଇପଦରରୁ ସର୍ବାଧିକ ୧୩ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

# ବାଲେଶ୍ୱରରେ ସାମୁଦ୍ରିକ ଜୈବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି



ବାଲେଶ୍ୱର,୧୦।୨ (ନି.ପ୍ର): ବାଲେଶ୍ୱରରେ ଏକ ସାମୁଦ୍ରିକ ଜୈବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ବୁଦ୍ଧିଜୀବୀ ଓ ସମାଜସେବୀଙ୍କ ପକ୍ଷରୁ ମଙ୍ଗଳବାର ଦିନ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । 'ସାମୁଦ୍ରିକ ନୀଳରକ୍ତ କଙ୍କଡ଼ା ଓ ଜୈବ ସୁରକ୍ଷା ମଞ୍ଚ'ର ସଭାପତି ଲକ୍ଷ୍ମୀଧର ବେହେରା ଓ ସାଧାରଣ ସଂପାଦକ ବରିଷ୍ଠ ଶିକ୍ଷାବିତ୍ ତଥା ଜୈବ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ ସହ ବାଲେଶ୍ୱର ଜିଲାରେ ଥିବା ୮୪ କିଲୋମିଟର ବ୍ୟାପୀ ସମୁଦ୍ର ଉପକୂଳର ବିକାଶ ଓ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଆଲୋଚନା କରିଥିଲେ । ପ୍ରାୟ ୪୮୦ କି.ମି. ଦୈର୍ଘ୍ୟ ଓଡ଼ିଶା ଉପକୂଳରେ ବିଭିନ୍ନ ଜୈବ ବିବିଧତା ଦୃଷ୍ଟିରୁ ବାଲେଶ୍ୱର ଏକମାତ୍ର ଉପଯୁକ୍ତ ସ୍ଥାନ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ନୀଳରକ୍ତ କଙ୍କଡ଼ା ଉପରେ ଗବେଷଣା କରିଥିବା ଡ. ସିଦ୍ଧାର୍ଥ ପତି ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଏଠାରେ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ ପରେ ଉଚିତ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ତେବେ ବିଶେଷ କରି ବାଲେଶ୍ୱର ଜିଲା ସମୁଦ୍ର ଉପକୂଳରୁ ହେଉଥିବା ନୀଳରକ୍ତ କଙ୍କଡ଼ା ଓ ସମୁଦ୍ର ଶାମୁକା ଚୋରାଚାଲାଣର ରୋକିବା ଦିଗରେ ପ୍ରତିନିଧିମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଖୁବଶୀଘ୍ର ଉକ୍ତ ଅଭିଯୋଗ ଉପରେ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସମ୍ପର୍କରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ଏହି ଆଲୋଚନା ବେଳେ ଞ୍ଚମଞ୍ଚର ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଶିଳ୍ପୀ କେଶୁଦାସଙ୍କ ସମେତ ସୀତାରାମ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ, ମନୋଜ ନାୟକ ଓ ଆୟୁବ୍ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ବେସାମରିକ ସେବା ନିଯୁକ୍ତି ବେଳେ କ୍ୟାରିୟର ମାର୍କିଂ ବନ୍ଦ

ଭୁବନେଶ୍ୱର,୧୦।୨ (ନି.ପ୍ର): ବେସାମରିକ ସେବାରେ ନିଯୁକ୍ତି ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବାକୁ ଲିଖିତ ପରୀକ୍ଷାର ଫଳାଫଳ ପ୍ରକାଶ ପାଇବା ପରେ ଶାରୀରିକ ମାନକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା କରିବାକୁ ଏବ ଯୋଗ୍ୟତା ସ୍ଥିତିକୁ ବିବେଚନା କରିବା ପାଇଁଏହିପରି ପରୀକ୍ଷା ପାଇଁ କୌଣସି ମାର୍କ ପ୍ରଦାନ କରିବାକୁ ସରକାର ନିଷ୍ପତି ନେଇଛନ୍ତି । ଲିଖିତ ପରୀକ୍ଷା ପରେ ହେବାକୁ ଥିବା ଶାରୀରିକ ମାନକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷାରେ ପ୍ରବେଶ ପାଇଁ ପ୍ରାର୍ଥୀଙ୍କ ସଂଖ୍ୟା ଖାଲିଥିବା ପଦବୀ ସଂଖ୍ୟାର ୩ ଗୁଣରୁ କମ୍ ହେବ ନାହିଁ । ନିଯୁକ୍ତ ଏଜେନ୍ସି ଦ୍ୱାରା କଟ୍ ଅଫ୍ ମାର୍କ ସ୍ଥିର କରାଯିବ । ପ୍ରାରମ୍ଭିକ ନିଯୁକ୍ତି ସମୟରେ କୌଣସି କ୍ୟାରିୟର ମାର୍କ ଆଧାରରେ ମୂଲ୍ୟାଙ୍କନ ହେବ ନାହିଁ । କେବଳ ଲିଖିତ ପରୀକ୍ଷାରେ ମିଳିଥିବା ମାର୍କ ଓ ମୌଖିକ ପରୀକ୍ଷାରେ ମିଳିଥିବା ମାର୍କ ଆଧାରରେ ଚୟନ ତାଲିକା ପ୍ରସ୍ତୁତ ହେବ । ତେଣୁ ଓଡିଶା ବେସାମରିକ ସେବା (ଶାରୀରିକ ମାନକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ଓ କ୍ୟାରିୟର ମୂଲ୍ୟାଙ୍କନ ବନ୍ଦ କରିବାର ପଦ୍ଧତି )ନିୟମାବଳୀ ୨୦୨୧ ପ୍ରଣୟନ ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ ମିଳିଛି ।

# ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୦।୨ (ନି.ପ୍ର): ଓଡ଼ିଶା ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୩ର ବୈଠକ ବିଧାନସଭା ପରିସରସ୍ଥ ୫୪ ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟାବଳୀ ସଂପର୍କରେ ଆଲୋଚନା ହୋଇଥିଲା । ବିଧାନସଭା ଷ୍ଟାଣ୍ଡିଂ କମିଟି ତରଫରୁ ତା.୧୧/୦୩/୨୦୨୦ରିଖରେ ପ୍ରଦାନ କରାଯାଇଥିବା ରିପୋର୍ଟ ଉପରେ ବିଭାଗ ତରଫରୁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ କମିଟି ସଦସ୍ୟମାନଙ୍କ ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପଦସ୍ଥ ଅଧିକାରୀ ଓ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ ।

# ଆଫଗାନିସ୍ତାନରେ ଲାଲନ୍ଦର 'ଶତୁତ' ଡ୍ୟାମ ନିର୍ମାଣ ପାଇଁ ବୁଝାମଣା ସ୍ୱାକ୍ଷରିତ

ନୂଆଦିଲ୍ଲୀ,୧୦।୨ (ନି.ପ୍ର): ଆଫଗାନିସ୍ତାନରେ ଲାଲନ୍ଦର (ଶତୁତ) ଡ୍ୟାମ ନିର୍ମାଣ ପାଇଁ ବୁଝାମଣା (ଏମଓୟୁ) ସ୍ୱାକ୍ଷରିତ ସମାରୋହ ଆଜି ଭିଟିସି ମାଧମରେ ସମ୍ପନ୍ନ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଆଫଗାନିସ୍ତାନ ରାଷ୍ଟ୍ରପତି ଡଃ ମହମ୍ମଦ ଅଶରଫ ଘନିଙ୍କ ଉପସ୍ଥିତିରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଜୟଶଙ୍କର ଏବଂ ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀ ମିଷ୍ଟର ହନିଫ ଆତ୍ମର ଏହି ବୁଝାମଣାରେ ସ୍ୱାକ୍ଷର କରିଥିଲେ । ଏହି ପ୍ରକଳ୍ପ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ନୂତନ ଭାଗିଦାରୀର ଏକ ଅଂଶ । ଲାଲନ୍ଦର (ଶତୁତ) ଡ୍ୟାମ କାବୁଲ ସହରରେ ସ୍ୱଚ୍ଛ ପାନୀୟ ଜଳର ଆବଶ୍ୟକତା ପୂରଣ କରିବା ସହିତ ନିକଟବର୍ତ୍ତୀ ଅଞ୍ଚଳକୁ ଜଳସେଚନ ପାଇଁ ଜଳ ଯୋଗାଇବ ଓ ବର୍ତ୍ତମାନର ଜଳସେଚନ ଏବଂ ଡ୍ରେନେଜ ପ୍ରଣାଳୀକୁ ପୁନଃ ଥଇଥାନ କରିବାରେ ମଧ ସହାୟକ ହେବ । ଏଥିସହିତ ଏହି ଅଞ୍ଚଳକୁ ବନ୍ୟା ସୁରକ୍ଷା ତଥା ପରିଚାଳନା ଦିଗରେ ସାହାଯ୍ୟ କରିବ ଓ ଏହି ଅଞ୍ଚଳକୁ ବିଦ୍ୟୁତ ଶକ୍ତି ମଧ ଯୋଗାଇବ । ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱର ନିଦର୍ଶନ, ସଲମା ଡ୍ୟାମ ଜୁନ୍ ୨୦୧୬ରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍ଘାଟିତ ହେବା ପରେ ଏହା ଦ୍ୱିତୀୟ ପ୍ରମୁଖ ଡ୍ୟାମ ହେବ । ଆଫଗାନିସ୍ତାନର ସାମାଜିକ-ଅର୍ଥନୈତିକ ବିକାଶ ଏବଂ ଦୁଇ ଦେଶ ମଧ୍ୟରେ ସ୍ଥାୟୀ ସହଭାଗୀତା ଦିଗରେ ଭାରତର ଦୃଢ ଓ ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାର ପ୍ରତିଫଳନ ସ୍ୱରୂପ ଏହି ଲାଲନ୍ଦର (ଶତୁତ) ଡ୍ୟାମ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଆଫଗାନିସ୍ତାନ ସହିତ ଆମର ବିକାଶ ସହଯୋଗର ଏକ ଅଂଶ ଭାବରେ ଆଫଗାନିସ୍ତାନର ସମସ୍ତ ୩୪ ଟି ପ୍ରଦେଶ ମଧ୍ୟରେ ୪୦୦ରୁ ଅଧିକ ପ୍ରକଳ୍ପ ଭାରତ ସମାପ୍ତ କରିଛି । ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଏକ ଶାନ୍ତିପୂର୍ଣ୍ଣ, ସ୍ଥିର, ସମୃଦ୍ଧ ତଥା ବିକଶିତ ଆଫଗାନିସ୍ତାନ ନିର୍ମାଣ ଲାଗି ଭାରତର ନିରନ୍ତର ସମର୍ଥନକୁ ନିଶ୍ଚିତ କରିଛନ୍ତି ।

# ଓଡିଶା ବାହାରୁ ଆସିଛି ୧୨୦୭ ଫ୍ରଡ୍ କଲ୍ : ପୋଲିସ୍ କମିଶନର

## ଭୁବନେଶ୍ୱରରୁ ୫୨ ଲକ୍ଷ ଟଙ୍କା ଠକେଇ



ଭୁବନେଶ୍ୱର,୧୦।୨ (ନି.ପ୍ର): ଗତ ମାସକ ମଧ୍ୟରେ ୧୨୦୭ ଫ୍ରଡ୍ କଲ୍ ଆସିଥିବା ନେଇ ସାଇବର ହେଲ୍ପ ଡେସ୍କରେ ଅଭିଯୋଗ ହୋଇଛି । ସେ ସମସ୍ତ କଲ୍ ଓଡିଶା ବାହାରୁ ହିଁ ଆସିଛି । ମୁଖ୍ୟତଃ ଝାଡଖଣ୍ଡର ଜାମତରା, ଦେଓଘର, ପଶ୍ଚିମ ବଙ୍ଗ, ବାଙ୍ଗଲାଦେଶ ସୀମାନ୍ତ ପାଖାପାଖି ଅଂଚଳ, ନୋଏଡ଼ା, କେରଳ, ରାଜସ୍ଥାନରୁ ଆସୁଛି । ଠକେଇ ପାଇଁ କଲ୍ ଆସିଥିବା ୨୩୯ଟି ସିମ୍ କୁ ବ୍ଲକ୍ କରାଯାଇଛି । କେବଳ ଭୁବନେଶ୍ୱରରୁ ୫୨ ଲକ୍ଷ ୧୬ ହଜାର ୪୮୩ ଟଙ୍କା ଠକେଇ ହୋଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ । ସେ କହିଛନ୍ତି ଯେ ଭୁବନେଶ୍ୱରରୁ ୩୬୮ ଟି ଓ ବାହାରୁ ୮୩୯ କଲ୍ ଆସିଛି । ୧୨୦୭ଟି କଲ୍ ମଧ୍ୟରୁ ୨୨୯ଟି କଲ୍ ଠକେଇ ସହ ସମ୍ପର୍କିତ ରହିଛି । ୟୁପିଆଇ ଟ୍ରାନଜାକ୍ସନ ଠକେଇ ୨୮୯ ରହିଛି । ଏବେ ଲୋକେ ସଚେତନ ହେବାରୁ କ୍ରେଡିଟ କାର୍ଡ, ଡେବିଟ କାର୍ଡ ନମ୍ବର ଅଜଣା ଲୋକଙ୍କୁ ଦେଉ ନାହାନ୍ତି । ଏହାସତ୍ତ୍ୱେ ୪୬ଟି କେସ୍ ହୋଇଛି । ଅନ୍ୟ କେସ୍ ୮୭୨ଟି ଅଛି । ସମୁଦାୟ, ୧ କୋଟି ୪୦ ଲକ୍ଷ ୫୪ ହଜାର ୯୪୪ ଟଙ୍କା ଠକେଇ ହୋଇଥିବା ବେଳେ ଭୁବନେଶ୍ୱରରୁ ୫୨ ଲକ୍ଷ ୧୬ ହଜାର ୪୮୩ ଟଙ୍କା ଠକେଇ ହୋଇଛି । ସେଥିମଧ୍ୟରୁ ୭ ଲକ୍ଷ ୧୯ ହଜାର ୭୧୧ ଟଙ୍କା ବ୍ଲକ କରିପାରିଛୁ । କଟକରେ ଏକ ସାଇବର କ୍ରାଇମ ଥାନା କାର୍ଯ୍ୟକ୍ଷମ ଥିବା ବେଳେ ଭୁବନେଶ୍ୱରରେ ଏଥିପାଇଁ ଏକ ଥାନା ପାଇଁ ଦାବି ହେଉଛି । ଏନେଇ ରାଜ୍ୟ ପୋଲିସ୍ ସଦର ମହକୁମା, ରାଜ୍ୟ ସରକାରଙ୍କୁ ଜଣାଯାଇଛି । ୨୦୨୧ରେ ସାଇବର କ୍ରାଇମ ଥାନା ହେବ ବୋଲି ଆଶା କରାଯାଉଛି । ସେ ପର୍ଯ୍ୟନ୍ତ ହେଲପ୍ ଡେସ୍କ ସାହାଯ୍ୟରେ ଜନସାଧାରଣଙ୍କୁ ଏହି ସହାୟତା ଯୋଗାଇ ଦିଆଯାଉଛି । ଏବେ ୟୁପିଆଇ ଠକେଇ ସଂଖ୍ୟା ବେଶି ଅଛି । ଏଥିରେ ଓଟିପି ଥରେ ବି ଆସୁନି । କ୍ରେଡିଟ କାର୍ଡରେ ଟ୍ରାନଜାକ୍ସନ ହେଲେ ମେଲ୍ ଆସୁଛି । ବେଳେ ବେଳେ ଠକ ସଙ୍ଗେସଙ୍ଗେ ଠକେଇ କରନ୍ତି । ନଚେତ ରାତି ଅଧରେ କରନ୍ତି । ତେଣୁ ସୁଫଳ ପାଇବାକୁ ଠକେଇର ପ୍ରଥମ ଘଂଟା ଭିତରେ ଜଣାନ୍ତୁ । ଫଳରେ ତୁରନ୍ତ କେଉଁ ଆକାଉଂଟକୁ ଟଙ୍କା ଯାଇଛି ଜଣାପଡ଼ି ତାହାକୁ ବ୍ଲକ କରିହେବ ।

# ଶେଷ ହେଲା ଆଦିବାସୀ ମେଳା : କଟକଣା ସତ୍ତ୍ୱେ କାରବାର ଅଢ଼େଇ କୋଟି ଟପିଲା

ଭୁବନେଶ୍ୱର,୧୦।୨ (ନି.ପ୍ର): ଭୁବନେଶ୍ୱରର ଏକ ନମ୍ବର ୟୁନିଟ୍, ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଗତ ଜାନୁଆରୀ ୨୬ ତାରିଖରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ମହାମାରୀ କରୋନା ଜନିତ କଟକଣା ମଧରେ ୧୫ ଦିନ ଧରି ଚାଲିଥିବା ଏହି ମେଳାରେ ଜନସାଧାରଣଙ୍କ ସମାଗମ ଆଶାନୁରୂପ ହୋଇଥିବା ବେଳେ ବିଭିନ୍ନ ଆଦିବାସୀ ବର୍ଗ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀର କାରବାର ଖୁବ୍ ଉତ୍ସାହଜନକ ଥିଲା । କଟକଣା ସତ୍ତ୍ୱେ ପ୍ରତିଦିନ ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ମେଳା ପରିସରରେ ଦର୍ଶକଙ୍କ ପ୍ରବଳ ଗହଳି ଲକ୍ଷ୍ୟ କରାଯାଇଥିଲା । ଆଦିବାସୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ କୃଷିଜାତ ସାମଗ୍ରୀ ତଥା ସେମାନଙ୍କ ଦ୍ୱାରା ସଂଗୃହୀତ ବନଜାତ ପଦାର୍ଥ ଗୁଡିକର ବହୁଳ ପ୍ରଦର୍ଶନ ଓ ବିକ୍ରି ନିମନ୍ତେ ଏହି ମେଳା ଏକ ବଡ଼ ବଜାର ସୃଷ୍ଟି କରିପାରିଥିଲା । ଦର୍ଶକମାନେ ଖୁବ୍ ଆଗ୍ରହ ସହ ଏହି ସବୁ ସାମଗ୍ରୀ କ୍ରୟ କରିବାକୁ ଲମ୍ବାଧାଡି ଲଗାଇଥିଲେ । ପନ୍ଦର ଦିନ ଧରି ଚାଲିଥିବା ଆଦିବାସୀ ମେଳାରେ ଅଢ଼େଇ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର ହୋଇଥିବାର ପ୍ରାଥମିକ ଅଟକଳରୁ ଜଣା ପଡ଼ିଛି । ବିଗତ ବର୍ଷ ଗୁଡିକର ଆଦିବାସୀ ମେଳା ଭଳି ଜନଜାତି ବର୍ଗର ଜୀବନ ଶୈଳୀ ଓ କଳା ପ୍ରାଣତାର ନିଖୁଣ ଚିତ୍ର ଏଥର ମଧ ମେଳାରେ ପ୍ରତିଫଳିତ ହୋଇଥିଲା । ସେମାନଙ୍କ ଜୀବନ-ଜୀବିକାର ଲଢ଼େଇ ସହିତ ରାଜ୍ୟର ସାମଗ୍ରିକ ବିକାଶ ଧାରାର କିଛିଟା ଝଲକ୍ ମେଳା ପରିସରରେ ଖୋଲିଥିବା ମଣ୍ଡପ ଗୁଡିକରେ ଦେଖିବାକୁ ମିଳିଥିଲା । ପନ୍ଦର ଦିନ ମଧ୍ୟରେ ପ୍ରାୟ ୨ ଲକ୍ଷ ୫୦ ହଜାର ଲୋକ ମେଳା ପରିଦର୍ଶନ କରିଥିଲେ । ଆଦିବାସୀ ମେଳାରେ କାରବାର କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ହୋଇଥିବା ବିଭିନ୍ନ ଷ୍ଟଲ ଓ ସଂସ୍ଥାଗୁଡିକୁ ଆଜିର ଉଦ୍‌ଯାପନ ଉତ୍ସବରେ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନ ଉତ୍ସବରେ ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ସୁବ୍ରତ ବାଗ୍‌ଚୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ମୋ' ସ୍କୁଲ୍‌ର ଅଧକ୍ଷା ସୁସ୍ମିତା ବାଗ୍‌ଚୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା, ନିର୍ଦ୍ଦେଶିକା ଗୁହା ପୁନମ୍ ତାପସ୍ କୁମାର ଓ ସଦସ୍ୟ ସଚିବ ତଥା ମେଳାର ନୋଡାଲ ଅଫିସର ପ୍ରଫେସର ଡଃ ଅଖିଳ ବିହାରୀ ଓତା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପ୍ରଫେସର ଓତାଙ୍କ ଦ୍ୱାରା ସଂପାଦିତ ଦୁଇଟି ଇଂରାଜୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

# ବିଦ୍ୟାଳୟ ମିଶ୍ରଣ ବନ୍ଦ ପାଇଁ ବୋଇତବାଙ୍କବାସୀଙ୍କ ଦାବି



ବାଲେଶ୍ୱର,୧୦।୨ (ନି.ପ୍ର): ଛାତ୍ରଛାତ୍ରୀଙ୍କ ସଂଖ୍ୟାହ୍ରାସକୁ ନେଇ ସରକାରଙ୍କ ସ୍କୁଲବନ୍ଦ ନିଷ୍ପତିକୁ ବାଲେଶ୍ୱରର ବିଭିନ୍ନ ଅଂଚଳରେ ବିରୋଧ କରାଯାଇଛି । ବିଶେଷ କରି ୧୫ରୁ କମ ଛାତ୍ରଛାତ୍ରୀ ଥିବା ସ୍କୁଲକୁ ବନ୍ଦ କରି ନିକଟସ୍ଥ ଅନ୍ୟ ଏକ ବିଦ୍ୟାଳୟ ସହ ମିଶ୍ରଣକୁ ସମ୍ପୃକ୍ତ ଅଂଚଳର ଅଧିବାସୀ ପ୍ରତିବାଦ କରିଛନ୍ତି । ଏହି କ୍ରମରେ ରେମୁଣା ବ୍ଲକର ବୋଇତବାଙ୍କ ୟୁଜିୟୁପି ବିଦ୍ୟାଳୟରୁ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିବାରୁ ଗ୍ରାମବାସୀମାନେ ଏହାକୁ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଆପତି ଜଣାଇଥିଲେ । ବିଦ୍ୟାଳୟର ଅଧିକାଂଶ ଛାତ୍ରଛାତ୍ରୀ ଆଦିବାସୀ ଜନଜାତି ଓ ହରିଜନ ଶ୍ରେଣୀର । ବିଦ୍ୟାଳୟରେ ମୋଟ ୪୪ ଜଣ ଛାତ୍ରଛାତ୍ରୀ ଅଧୟନ କରୁଛନ୍ତି । ଏବେ ବିଦ୍ୟାଳୟକୁ ଯଦି ସ୍ଥାନନ୍ତର କରାଯାଏ ତେବେ ଚାରିଖଣ୍ଡ ଗାଁ ପାରିହୋଇ ୩ କିଲୋମିଟର ଦୂର ପାରି ହୋଇ ଛାତ୍ରଛାତ୍ରୀମାନଙ୍କୁ ଯିବାକୁ ହେବ । ସୋନ ନଦୀ କୂଳେ କୂଳେ ରାସ୍ତା ଯାଇଥିବା ବେଳେ ସବୁବେଳେ ଗାଡିମୋଟର ଯାତାୟତ କରିଥାଏ, ଯାହା ପିଲାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି । ତେଣୁ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଦୃଷ୍ଟି ଦେବାକୁ ଆଇନଜୀବି ବିଜୟ କୁମାର ପାଣିଗ୍ରାହୀ, ଅଶୋକ କୁମାର ସ୍ୱାଇଁ, ମଦନ ମୋହନ ସିଂ, ବିପଦ ଭଞ୍ଜନ ରଥ, ଶିଶିର କୁମାର ପଣ୍ଡା, ତପନ ସିଂ, ଜୟନ୍ତ କୁମାର ପାଣିଗ୍ରାହୀ, ସୁମତି ସ୍ୱାଇଁ, ଅସିତ ରଥ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ନିବେଦନ କରିଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଦୁଇ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଯୋଶେଫ୍ ଆର ବାଇଡେନଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ୍ ବାର୍ତ୍ତାଳାପ ବିଶେଷ ମହତ୍ତ୍ୱ ବହନ କରେ । ଜାନୁଆରୀ ୨୦ ତାରିଖ ଦିନ ଆମେରିକାର ନୂତନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ରାଷ୍ଟ୍ରପତି ବାଇଡେନଙ୍କ ସହ ଶ୍ରୀ ମୋଦିଙ୍କର ଏହା ପ୍ରଥମ ଆଲୋଚନା । ସାଂପ୍ରତିକ ସମୟରେ ଓ ବର୍ତ୍ତମାନ ପରିସ୍ଥିତିରେ ଉଭୟ ଆମେରିକା ଓ ଭାରତ ବିଶ୍ୱ ରାଜନୀତିରେ ଦୁଇ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ଏବଂ ବାଇଡେନ ଓ ମୋଦି ଦୁଇ ପ୍ରମୁଖ ନେତା । ଦ୍ୱିପାକ୍ଷିକ, କ୍ଷେତ୍ରୀୟ ଏବଂ ବୈଶ୍ୱିକ ପ୍ରସଙ୍ଗ ସହ ଉଭୟ ରାଷ୍ଟ୍ର ଏବେ ବାଣିଜ୍ୟ ଠାରୁ ନେଇ ରଣନୀତିକ ସାମରିକ ସହଯୋଗରେ ଘନିଷ୍ଠତାର ସହ କାର୍ଯ୍ୟ କରିଆସୁଛନ୍ତି । କେବଳ ଦୁଇଟି ବୃହତ୍ ରାଷ୍ଟ୍ୟ ଭାବେ ନୁହେଁ, ବିଶ୍ୱର ଦୁଇ ମହାଶକ୍ତି ଭାବେ ଆମେରିକା ଓ ଭାରତ ନିଜକୁ ସୁପ୍ରତିଷ୍ଠିତ କରିଛନ୍ତି । ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ-ଆମେରିକା ସଂପର୍କ ପାରମ୍ପରିକ ପର୍ଯ୍ୟାୟ ଅତିକ୍ରମ କରି ନିବିଡ଼ ଓ ରଣନୀତିକ ପର୍ଯ୍ୟାୟରେ ପହଂଚିଛି । ଅନ୍ୟ ଅର୍ଥରେ କହିଲେ, ଉଭୟ ରାଷ୍ଟ୍ର ପରସ୍ପର ଉପରେ ଯଥେଷ୍ଟ ମାତ୍ରାରେ ନିର୍ଭରଶୀଳ । ଏପରିକି ପୂର୍ବତନ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସମୟରେ ସୁଦ୍ଧା ଏହି ସଂପର୍କ କୌଣସି ଭାବେ ବ୍ୟାହତ ହୋଇନଥିଲା । ତେବେ ଟ୍ରମ୍ପଙ୍କ ବିଦାୟ ପରେ ବାଇଡେନ ପ୍ରଶାସନ ଏବେ ସେ ଦେଶର ଶାସନ ବ୍ୟବସ୍ଥା ଓ ନୀତିରେ ବ୍ୟାପକ ପରିବର୍ତ୍ତନ ଘଟାଉଛନ୍ତି । ପୁଣିଥରେ ବିଶ୍ୱରେ ଆମେରିକାର ପ୍ରଭାବକୁ ଜାହିର କରିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି । ସେଥିରେ ଭାରତ ଆମେରିକା ସଂପର୍କ କେଉଁ ରୂପ ନେବ ତାହା ହୁଏତ ସମୟ କହିବ । କିନ୍ତୁ ଏ କଥାକୁ ଅସ୍ୱୀକାର କରାଯାଇନପାରେ ଯେ, ଭାରତ ଆମେରିକା ସଂପର୍କ କୌଣସି ସ୍ଥିତିରେ ସୁଦ୍ଧା ଶିଥିଳ ହେବନାହିଁ । ଉଭୟ ନେତା ସେମାନଙ୍କ କଥାବାର୍ତ୍ତା ପରେ ଏଭଳି ଆଶା ପୋଷଣ କରିଛନ୍ତି । କେବଳ ମୋଦି-ବାଇଡେନ କଥାବାର୍ତ୍ତା ନୁହେଁ, ଇତିପୂର୍ବରୁ ଗତ ଏକମାସ ମଧ୍ୟରେ ଦୁଇ ଦେଶର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଉଭୟ ରାଷ୍ଟ୍ରର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ପରସ୍ପର ସହ ଦ୍ୱିପାକ୍ଷିକ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଘନିଷ୍ଠତାର ସହ ଆଲୋଚନା କରିଛନ୍ତି । ଏହା ସୂଚିତ କରେ ଯେ, ଟ୍ରମ୍ପ ପ୍ରଶାସନ ସମୟରେ ଦ୍ୱିପାକ୍ଷିକ ସଂପର୍କ ଯେଉଁ ଅବସ୍ଥାରେ ଥିଲା, ତାହା ଏବେ ତ୍ୱରାନ୍ୱିତ ହେବାକୁ ଯାଉଛି । ମୋଦି-ବାଇଡେନଙ୍କ ବାର୍ତ୍ତାଳପକୁ ଏହାର ଚୂଡ଼ାନ୍ତ ସଂକେତ ବୋଲି ଗ୍ରହଣ କରାଯାଇପାରେ । ଆମେରିକା ଏବେ ଭାରତ ସହ ରଣନୀତିକ ପ୍ରତିରକ୍ଷା ସଂପର୍କ ନିବିଡ଼ ପାଇଁ ଯେତିକି ଆଗ୍ରହୀ, ଚୀନ ସାଗର ଓ ଭାରତ ମହାସାଗର କ୍ଷେତ୍ରରେ ଚୀନର ପ୍ରାଧାନ୍ୟକୁ ପ୍ରତିହତ କରିବା ନିମନ୍ତେ ଭାରତର ସହଯୋଗ ପାଇଁ ସେତିକି ପ୍ରତ୍ୟାଶୀ । ଚୀନ-ଆମେରିକା ବାଣିଜ୍ୟ ଓ କୂଟନୈତିକ ଯୁଦ୍ଧରେ ଭାରତ ହିଁ ଆମେରିକାର ସବୁଠାରୁ ବଡ଼ ଢ଼ାଲ । ପୁଣି ବିଶ୍ୱ ରାଜନୀତି, ଆର୍ଥିକ କାର୍ଯ୍ୟକ୍ରମ, ଜଳବାୟୁ ପରିବର୍ତ୍ତନ ନିମନ୍ତେ ସାମୂହିକ ପ୍ରୟାସରେ ଭାରତକୁ ଛାଡ଼ି କେବଳ ଆମେରିକା ନୁହେଁ, ଅନ୍ୟ ଯେକୌଣସି ରାଷ୍ଟ୍ର ନିଜର ପ୍ରୟାସରେ ସକ୍ଷମ ହେବା ଅସମ୍ଭବ । ଆମେରିକା ପୁଣି ଥରେ ପ୍ୟାରିସ୍ ରାଜିନାମାକୁ ଲେଉଟିବା ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ଫେରିବା ପଛରେ ଭାରତର ପ୍ରଚ୍ଛନ୍ନ ହାତ ରହିଛି । ରାଷ୍ଟ୍ରପତି ବାଇଡେନ ଭାରତ-ଆମେରିକା ଘନିଷ୍ଠ ସଂପର୍କ ବିଷୟରେ ପୂର୍ବରୁ ବେଶ୍ ଅବଗତ ଅଛନ୍ତି । ଏବେ ରାଷ୍ଟ୍ରପତି ହେବାପରେ ସେ ତାହାକୁ ବେଗ ପ୍ରଦାନ କରିବାକୁ ଅବଶ୍ୟ ପ୍ରୟାସୀ ହେବେ । ଅନ୍ୟଥା, ଆମେରିକାର ସ୍ଥାନ ପୁଣି ଥରେ ରୁଷିଆ ନେବାର ଆଶଙ୍କା ରହିଛି । ଇତିପୂର୍ବରୁ ରୁଷିଆ ହିଁ ଭାରତ ସହ ଘନିଷ୍ଠ ଆର୍ଥିକ ଓ ପ୍ରତିରକ୍ଷା ସଂପର୍କରେ ରହି ଆମେରିକାକୁ ଦୂରେଇ ରଖିଥିଲା । ପରିବର୍ତ୍ତିତ ପରିସ୍ଥିତିରେ ସେଥିରେ ପଟ୍ଟ ପରିବର୍ତ୍ତନ ଘଟିଛି । ତେଣୁ ଆଉ ଥରେ ଏହି ସୁଯୋଗକୁ ହାତଛଡ଼ା କରିବାକୁ ରାଷ୍ଟ୍ରପତି ବାଇଡେନ ନ ଚାହିଁବା ସ୍ୱାଭାବିକ । ଡେମୋକ୍ରାଟିକ ଦଳ କ୍ଷମତାକୁ ଆସିଲେ ସଦାବେଳେ ଭାରତ-ଆମେରିକା ସଂପର୍କ ନିବିଡ଼ ହେବାର ଏକ ଦୀର୍ଘ ପରମ୍ପରା ରହିଛି । ବାଇଡେନ ଏହା ଯେ ଏକ ବ୍ୟତିକ୍ରମ ହେବେନାହିଁ, ତାହା ଏବେଠାରୁ ସ୍ପଷ୍ଟତର ହୋଇଛି ।

## କବିତା କୋଣାର୍କ

### ଆତ୍ମଘାତୀ ...

ବୈଷ୍ଣବ ମେହେର

ବହୁତ ଦିନ ହେଲା
ନିଜକୁ ଦେଖିନି
ଖୋଜିନି ନିଜେ ନିଜକୁ
ଆଚରଣ ଆଉ ଉଚ୍ଚାରଣ ଭିତରେ
କେତେ ଯେ ଦୂରତ୍ୱ
ଅନେକ ଦିନ ହେଲା ମାପିନି
ଏବେ ମୁଁ ଦିନରେ କି ରାତିରେ
କାହାକୁ ପଚାରି ନାହିଁ
ମୋ ଚର୍ତୁପାର୍ଶ୍ୱର ଛାଇ
କେତେ ବହଳ କି ଝିଙ୍ଗଝିଙ୍ଗା ପତଳା
ସୋର ବି ପାଉନି !

ଅନେକ ଥର ଦର୍ପଣ ପୋଛିଛି
ଅନ୍ୟକୁ ଦେଖିବା ଆଉ
ଦେଖେଇବାକୁ
ଭିନ୍ନଭିନ୍ନ ଆଳରେ ଢଙ୍ଗରେ
ଥୋଇଛିବି,
ଏହାରି ଭିତରେ ବାରମ୍ବାର
ଆଖିକୁ ପାଣି ଛାଟିଛି
ଅନେକ ଥର ଡଗଡଗ ଠଉରେଇଛି
ହେଲେ ସାମନାରେ ପାଇ ନାହିଁ
ନିଜେନିଜକୁ କେବେ କେଉଁ ଦିନ !

ନିର୍ଜନ ବେଳାରେ
ଏମିତି କେତେ ଘାଣ୍ଟି ହୋଇଛି
ଏଇନେ ଅଲଗା ଅଲଗା କରିଦେବାକୁ
କ୍ଷିରରୁ ନୀର ଭଳି
ଜୀବନ ଆଉ ଜଂଜାଳକୁ
ନିଜ ଇଚ୍ଛାରେ...
ରାତି ବିତେଇଛି ଦିନ ବିତେଇଛି
ହେଲେ କେବେ ଚିହ୍ନି ପାରିଲିନି
ଅଗଣାର ବାଲୁତ ସକାଳକୁ !

ଆଖିରୁ ଆକାଶ ଅନ୍ତରରୁ ଅନ୍ତରୀକ୍ଷ
ପାଳଟଣା ଡଙ୍ଗା ସମ
ଭାସୁଛି ଯେ ଭାସୁଛି
ଲାଲ,ନୀଳ,ସବୁଜ ସ୍ୱପ୍ନ ସବୁ
ବୁଣୁଛି ଏଠି ସେଠି ସବୁଠି
ଅଥଚ ଅଣ୍ଡାଳି ହେଉଥିବା
ନିଜ ଛାଇକୁ
ଏ ଯାଏଁ ଖୋଜି ପାଇଲି ନାହିଁ !

+ସିନାପାଲି,ନୂଆପଡ଼ା

# ଆମେରିକାର ଟାର୍ଗେଟରେ ସାଓମି

ସୌମେନ୍ଦ୍ର ଜେନା

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ କ୍ଷମତା ଛାଡିବା ପୂର୍ବରୁ ଏକ ବଡ କାର୍ଯ୍ୟ ପାଇଁ ମାର୍ଗ ପ୍ରଶସ୍ତ କରିଯାଇଛନ୍ତି । ତା ହେଲା ସାଓମି କମ୍ପାନୀକୁ ଚୀନ ସେନାର କମ୍ପାନୀ ଭାବେ ଅଭିହିତ କରି କଟକଣା ଜାରିକରିବା । ଏହି କମ୍ପାନୀ ବିରୋଧରେ ଭାରତ ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାଁନ୍ତି, ଯଦିଓ କେନ୍ଦ୍ରର ମୋଦି ସରକାର ଚୀନର ଅନେକ ଦଣ୍ଡିକିରିମାଛ ଧରିଥିଲେ ମୋବାଇଲ ଆପକୁ ବନ୍ଦ କରି,କିନ୍ତୁ ବଜାରର ରୋହୀ, ଭାକୁର ପରି ମୋବାଇଲ ନିର୍ମାତା କମ୍ପାନୀ ବିରୋଧରେ ଆଜିଯାଏ କିଛି କରିନାହାଁନ୍ତି । ଯାହାଫଳରେ ଭାରତରେ ଏହାର ବ୍ରାଣ୍ଡ ଏମ୍ଆଇ ସିରିଜର ମୋବାଇଲ ନିକଟରେ ୨୦୦କୋଟିର ବ୍ୟବସାୟ କରିବାକୁ ସକ୍ଷମ ହୋଇଛି । ଯଦିଓ ଏହି କମ୍ପାନୀ ବିରୋଧରେ ଭାରତର ସୁପ୍ରିମ କୋର୍ଟରେ କପି କରିବା ପରି ଅପରାଧ ନେଇ ଅନ୍ୟ ଇଲେକ୍‌ଟ୍ରୋନିକ୍ସ କମ୍ପାନୀମାନେ ଅଭିଯୋଗ କରିଥିଲେ । ସେମିତି ଦେଖିବାକୁ ଗଲେ ସାରା ପୃଥିବୀକୁ ଟେକନୋଲୋଜି ଏବଂ ଡିଜାଇନ ଚ୍ରେରିରେ ଚୀନା ଲୋକେ ସବୁଠୁ ଆଗୁଆ । ପୃଥିବୀର କୋଣାନୁକୋଣରୁ ଟେକ୍‌ନୋଲୋଜି ଏବଂ ଡିଜାଇନକୁ ଚ୍ରେରିକରି ନିଜ ବସ୍ତୁରେ ସେସବୁକୁ ଯୋଡି ବିଶ୍ୱ ବଜାର ଦଖଲ ପାଇଁ ଚୀନା ଲୋକଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । କମ୍ପାନୀମାନେ ମଧ ଏହି ଚ୍ରେରିକରିବା ଲାଗି ପ୍ରତିବର୍ଷ ପ୍ରଚୁର ଅର୍ଥ ତଥାକଥିତ ଗବେଷଣା ନାମରେ ଖଟାଇଥାନ୍ତି, ଯାହାକୁ ବେଆଇନ ବୋଲି କୁହାଯାଇପାରିବ ନାହିଁ । କିନ୍ତୁ ଆନ୍ତର୍ଜାତିକ ବୌଦ୍ଧିକ ସଂପଦ ଆଇନରେ ଏସବୁ କାର୍ଯ୍ୟ ଧର୍ତ୍ତବ୍ୟ ଅପରାଧ ଭାବେ ପରିଗଣିତ ହୋଇଥାଏ । କ୍ଷମତାରୁ ଅପସାରିତ ହେବା ପୂର୍ବରୁ ଟ୍ରମ୍ପ ଚୀନର ସାଓମି କମ୍ପାନୀ ସହ ଅନ୍ୟ ଆଠଗୋଟି କମ୍ପାନୀକୁ କଳା ତାଲିକାଭୁକ୍ତ କରିଛନ୍ତି । ଯାହାଫଳରେ କୌଣସି ଆମେରିକୀୟ ଏହି କମ୍ପାନୀଗୁଡିକରେ ପୁଞ୍ଜିନିବେଶ କରିପାରିବେ ନାହିଁ । ଏହି କମ୍ପାନୀ ସହ ଚୀନ ସରକାରଙ୍କ ବିମାନ ନିର୍ମାତା କମ୍ପାନୀ କମର୍ସିଆଲ ଏଆରକ୍ରାଫ୍ଟ କର୍ପୋରେସନ ଅଫ ଚ୍ଚଇନା (କୋମାକ୍)ଏବଂ ବିମାନ ସେବା କମ୍ପାନୀ ଗ୍ରାଣ୍ଡ ଚୀନ ଏୟାର ରହିଛି । ଗତ ନଭେମ୍ବର ୧୨ତାରିଖରେ ଟ୍ରମ୍ପ ଏହିସବୁ କମ୍ପାନୀଗୁଡିକ ବିରୋଧରେ ପ୍ରଶାସନିକ ଆଦେଶ ଦେଇଥିଲେ । ଫଳରେ ୧୧ ନଭେମ୍ବର ୨୦୨୧ସୁଦ୍ଧା ଆମେରିକାର ନିବେଶକଙ୍କୁ ଏହିସବୁ କମ୍ପାନୀର ଅଂଶଧନ ପତ୍ର ବିକ୍ରି କରିବାରୁ ହେବ । ଏହାର ତତ୍‌କାଳ ପରିଣାମ ସ୍ୱରୂପ ଶୁକ୍ରବାର ୧୬ ଜାନୁଆରୀ ଦିନ ହଂକଂ ଷ୍ଟକ ମାର୍କେଟରେ ସାଓମିର ଦର ୧୦.୩ ପ୍ରତିଶତ ହ୍ରାସ ପାଇଛି । ତେବେ ଆମେରିକାର ପ୍ରତିରକ୍ଷା ବିଭାଗ ଚୀନ ସେନା ନିୟନ୍ତ୍ରଣରେ ଥିବା ୪୪ଟି କମ୍ପାନୀକୁ ତାଲିକାଭୁକ୍ତ କରିଛି । ତନ୍ମଧ୍ୟରେ ଫୋନ୍ ନିର୍ମାତା ହୁଓ୍ୱେଇ, ଚିପ୍ ନିର୍ମାତା ସେମିକଣ୍ଡକ୍ଟର ମାନୁଫ୍ୟାକ୍‌ଚରିଂ ଇଣ୍ଟରନେସନାଲ କର୍ପୋରେସନ (ଏମ.ଏମ.ଆଇସି) ଏବଂ ଚୀନର ତୈଳକମ୍ପାନୀ ଚ୍ଚଇନା ନେସନାଲ ଅଫ୍‌ସୋର ଅଏଲ କର୍ପୋରେସନ (ସିଏନଓଓସି)ରହିଛି । ଚୀନ ସରକାର ଆମେରିକାର ପୁଞ୍ଜି ବଳରେ ନିଜ ବିମାନ କମ୍ପାନୀ କୋମାକ୍‌କୁ ଆମେରିକାର ବୋଇଁ ଏବଂ ଏୟାରବସ୍ ତୁଳନାରେ ବଡ କରି ଗଢି ତୋଳିବାକୁ ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ସମ୍ଭବ ହେବନାହିଁ ।

ଟ୍ରମ୍ପ ପ୍ରଶାସନ ଚୀନା ତୈଳକମ୍ପାନୀଗୁଡିକ ପଡୋଶୀ ରାଷ୍ଟ୍ରଗୁଡିକର ଉପକୂଳ ଏବଂ ଗ୍ୟାସ ଉତ୍ପାଦନ ପ୍ରତି ବିପଦ ସୃଷ୍ଟି କରୁଥିବା ନେଇ ଅଭିଯୋଗ କରିଥିଲେ । ଦକ୍ଷିଣ ଚୀନ ସାଗରରେ ଭିଏତନାମ, ଫିଲିପାଇନ୍ସ ଏବଂ ଇଣ୍ଡୋନେସିଆ ଆଦି ଚୀନର ପଡୋଶୀ ରାଷ୍ଟ୍ରଗୁଡିକର ଜଳସୀମାରେ ତୈଳ ଅନୁସନ୍ଧାନ କାର୍ଯ୍ୟରେ ଚୀନର ଏହି କମ୍ପାନୀ ପ୍ରତିବନ୍ଧକ ସୃଷ୍ଟି କରିବା ସହ ସଂପୂର୍ଣ୍ଣ ଦକ୍ଷିଣ ଚୀନ ସାଗରର ଜଳସୀମାକୁ ନିଜ ଅଞ୍ଚଳ କହି ଆସୁଛି । ଏହାଦ୍ୱାରା ଦକ୍ଷିଣପୂର୍ବ ଏସିଆରେ ଅଶାନ୍ତି ସୃଷ୍ଟି ହେଉଥିବା ନେଇ ଆମେରିକାର ପୂର୍ବତନ ବୈଦେଶିକ ସଚିବ ମାଇକ ପମ୍ପେଓ କହିଥିଲେ । ଏହାଫଳରେ ଏହିସବୁ କମ୍ପାନୀଗୁଡିକର ଅଧିକାରୀ, ଚୀନ କମ୍ୟୁନିଷ୍ଟ ପାର୍ଟି ଦାୟିତ୍ୱରେ ଥିବା ନେତା ଓ ନୌସେନା ଅଧିକାରୀମାନଙ୍କୁ ଆମେରିକା ଭିସା ଦେବ ନାହିଁ । ଚୀନର ବିମାନ ଇଞ୍ଜିନ ନିର୍ମାତା କମ୍ପାନୀ ସ୍କିରିଜୋନ୍ ବିରୋଧରେ କଟକଣା ଲାଗିବା ଯୋଗୁ ଆଗାମୀ ଦିନରେ ଏହି କମ୍ପାନୀ ଆମେରିକାକୁ ବିମାନ ଇଞ୍ଜିନ ରପ୍ତାନୀ କରିପାରିବ ନାହିଁ । ଅନ୍ୟ କମ୍ପାନୀଗୁଡିକ ମଧ୍ୟରେ ଆଡଭାନ୍ସଡ ମାଇକ୍ରୋ ଫେବ୍ରିକେସନ ଇକ୍ୱିପମେଣ୍ଟ କର୍ପୋରେସନ, ଲୋକୁଙ୍ଗ ଟେକ୍ନୋଲୋଜି କର୍ପୋରେସନ, ବେଜିଂ ଝୋଙ୍ଗଆନକୁନ ଡେଭେଲପମେଣ୍ଟ ଇନଭେଷ୍ଟମେଣ୍ଟ ସେଣ୍ଟର, ଗୋୱିନ ସେମିକଣ୍ଡକ୍ଟର କର୍ପୋରେସନ, ଗ୍ଲୋବାଲ ଟୋନ କମ୍ୟୁନିକେସନ, ଟେକ୍‌ନୋଲୋଜି କର୍ପୋରେସନ ଲିମିଟେଡ୍, ଚ୍ଚଇନା ନେସନାଲ ଆଭିଏସନ୍ ହୋଲଡିଂ କୋ ଲିମିଟେଡର ନାମ ତାଲିକାରେ ରହିଛି । ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଆଲିବାବା, ଟେନସେଣ୍ଟ ଏବଂ ବାଇଡୁକୁ ତାଲିକାରୁ ବାଦ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ଟ୍ରେଜେରୀ ସେକ୍ରେଟାରୀ ଷ୍ଟିଭେନ ନୁଚିନ ଏହିସବୁ ଚୀନା କମ୍ପାନୀ ବିରୋଧରେ କଠୋର ପଦକ୍ଷେପ ନେବାକୁ ଅତୀତରେ ଯୁକ୍ତି କରିଥିଲେ । ତେବେ ଗତ ମଇ ମାସରେ ଆମେରିକା ସରକାର ଚୀନର ୩୩ଟି କମ୍ପାନୀକୁ କଳା ତାଲିକାଭୁକ୍ତ କରିଥିଲେ । ଏହିସବୁ କମ୍ପାନୀ ଚୀନା ସରକାରଙ୍କୁ ଉଇଘୁରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଶ୍ୱବ୍ୟାପି ଗୁପ୍ତଚରଗିରି କରୁଛି ବୋଲି ଅଭିଯୋଗ ହୋଇଥିଲା । ମୁହଁରୁ ବ୍ୟକ୍ତିଙ୍କୁ ଚିହ୍ନିବା ପାଇଁ କୃତ୍ରିମ ଗୋଇନ୍ଦାଗିରି କ୍ଷେତ୍ରରେ କାର୍ଯ୍ୟରତ ଆମେରିକାର ଚିପ୍ ନିର୍ମାତା ଏନ୍‌ଭିଡିଆ କୋର୍ପୋରେସନ ଏବଂ ଇଣ୍ଟେଲ କର୍ପୋରେସନ ପରି ଆମେରିକାର କମ୍ପାନୀମାନେ ଚୀନା କମ୍ପାନୀଗୁଡିକରେ ଅନେକ ଅର୍ଥ ଲଗାଇଛନ୍ତି । ଯେପରି ଚୀନର ପ୍ରସିଦ୍ଧ ଆର୍ଟିଫିସିଆଲ କଣ୍ଟେଲିଜେନ୍ସ କମ୍ପାନୀ ନେଟପୋସା ମୁସଲିମମାନଙ୍କ ଉପରେ ଦୃଷ୍ଟି ରଖିବା ପାଇଁ କାର୍ଯ୍ୟକରୁଛି । ନାସ୍‌ଡାକ୍‌ରୁ ୨୦୧୫ରେ ଅଣତାଲିକାଭୁକ୍ତ ଚୀନା ସାଇବର ସିକ୍ୟୁରିଟୀ କମ୍ପାନୀ କ୍ୱିହୋ ୩୬୦ ବିରୋଧରେ ମଧ ଆମେରିକାର ଗୋଇନ୍ଦା ସଂସ୍ଥା ସିଆଇଏ କାର୍ଯ୍ୟ କରୁଥିବା ନେଇ କ୍ୱିହୋ ପକ୍ଷରୁ ଅଭିଯୋଗ ହୋଇଥିଲା । ରୋବୋଟ ନିର୍ମାଣକାରୀ ସଂସ୍ଥା କ୍ଲାଉଡ ମାଇଣ୍ଡ ବିରୋଧରେ ମଧ ଆମେରିକା ସରକାର ୨୦୨୦ରେ କଟକଣା ଜାରି କରିଥିଲେ । ସଫଟ୍ ବ୍ୟାଙ୍କ ଗ୍ରୁପର ସହଯୋଗୀ କ୍ଲାଉଡମାଉଣ୍ଡ କମ୍ପାନୀ ବେଜିଂରେ ଥିବା ଏହାର ମୂଳ କାର୍ଯ୍ୟାଳୟକୁ ଆମେରିକାରୁ ଟେକ୍ନୋଲୋଜିର ସୂଚନା ପଠାଇବା ବେଳେ ଧରାପଡିଥିଲା । ଅକ୍ଟୋବର ୨୦୧୯ରେ ଚୀନର କେତେକ ଷ୍ଟାର୍ଟ ଅପ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କମ୍ପାନୀ ଏବଂ ଭିଡିଓ ସର୍ଭିଲେନ୍ସ କମ୍ପାନୀ ହିକ୍ ଭିଜନ୍ ବିରୋଧରେ ମଧ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ।

ଗତ ନଭେମ୍ବର ମାସରେ ୮୯ଟି ଚୀନା କମ୍ପାନୀ ବିରୋଧରେ କଟକଣା ଜାରି କରିବା ପାଇଁ ଆମେରିକା ସରକାର ଚିନ୍ତା କରିଥିଲେ । ଚୀନ ସେନା ସହ ସଂପର୍କ ରଖିଥିବା ଏହିସବୁ ଚୀନା କମ୍ପାନୀ ଯେପରି ଆମେରିକାର ବସ୍ତୁ ଓ ଟେକ୍ନୋଲୋଜି କ୍ରୟ କରିପାରିବେ ନାହିଁ ସେ ନେଇ ସରକାରଙ୍କ ପକ୍ଷରୁ ବିଚ୍ଚର କରାଯାଇଥିଲା । କାରଣ ଏହିସବୁ କମ୍ପାନୀ ଚୀନର ବେଲଟ୍ ଏଣ୍ଡ ରୋଡ (ବିଆର୍‌ଆଇ) ଯୋଜନା ସହ ସଂପୃକ୍ତ ଥିବା ଅଭିଯୋଗ ହୋଇଥିଲା । ଚୀନରୁ କେନ୍ଦ୍ର ଏସିଆ, ଆଫ୍ରିକା ଏବଂ ଇଉରୋପକୁ ରେଳପଥ, ସଡକପଥ ଓ ଆକାଶ ପଥରେ ଯୋଗାଯୋଗ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ବଳରେ ଚୀନ ବହୁ ରାଷ୍ଟ୍ର ସହ ଅଧିକ ବାଣିଜ୍ୟ କରିବା ସହ ଆମେରିକାର ବିକଳ୍ପ ହେବା ନେଇ ଯୋଜନା ରଖିଛି । ଏଗୁଡିକ ମଧ୍ୟରେ ଚ୍ଚଇନା କମ୍ୟୁନିକେସନ କନ୍‌ଷ୍ଟ୍ରକସନ୍ କମ୍ପାନୀ, ଚ୍ଚଇନା ଷ୍ଟେଟ କନ୍‌ଷ୍ଟ୍ରକସନ କର୍ପୋରେସନ, ଚ୍ଚଇନା ରେଲୱେ କନ୍‌ଷ୍ଟ୍ରକସନ୍ କର୍ପୋରେସନ ଏବଂ ଚ୍ଚଇନା ଟେଲିକମ୍ୟୁନିକେସନ କମ୍ପାନୀ ରହିଛି । ଏହିସବୁ କମ୍ପାନୀ ପୃଥିବୀର ଅନେକ ଦେଶରେ ଚୀନା ସେନାର ସ୍ୱାର୍ଥ ନେଇ କାର୍ଯ୍ୟ କରିଥାନ୍ତି ।

(କ୍ରମଶଃ)

ଭାରତୀୟ ସମ୍ବାଦ ସେବା

(ଭାସ୍)

ଭୁବନେଶ୍ୱର-୭୫୧୦୦୩

# କ୍ଷତିଭରଣା ପାଇଁ ଋଣ ଉପରେ ନିର୍ଭରତା



ଗୋପାଳ ମହାପାତ୍ର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ୨୨୨୧-୨୨ ଆର୍ଥିକ ବର୍ଷ ପାଇଁ ୩୪.୮୩ ଲକ୍ଷ କୋଟିରୁ ବଜେଟ ଆଗତ କରିଛନ୍ତି । ଗତବର୍ଷରେ ବଜେଟରେ ୩୦.୪୨ଲକ୍ଷ କୋଟି ଟଙ୍କାର ଅଟକଳ କରାଯାଇଥିଲା କିନ୍ତୁ କରୋନା ମହାମାରୀ କାରଣରୁ ବଜେଟରେ ସଂଶୋଧନ କରାଗଲା ଓ ବ୍ୟୟ ଅଟକଳକୁ ୩୪.୫ ଲକ୍ଷ କୋଟି ଟଙ୍କା କରାଯାଇଥିଲା । ବିଗତ ବର୍ଷ ରାଜକୋଷୀୟ କ୍ଷତି ୯.୫ପ୍ରତିଶତ ବଢିବ ବୋଲି ଅନୁମାନ କରାଯାଇଛି କିନ୍ତୁ ଏଥରର ବଜେଟରେ ଏହି କ୍ଷତି ୬.୮ ପ୍ରତିଶତ ହେବ ବୋଲି ଅନୁମାନ କରାଯାଇଛି । ବଜେଟରେ କ୍ଷତିକୁ ଭରଣା କରିବା ପାଇଁ ଖୋଲା ବଜାରରୁ ଋଣ ବା ଉଧାର ଉପରେ ନିର୍ଭର କରିବାକୁ ପଡିବ । ବଜେଟରେ ସରକାର ୧୨ଲକ୍ଷ କୋଟି ଟଙ୍କା ଋଣ (ଉଧାର) କରିବେ ବୋଲି କୁହାଯାଇଛି । ରାଜକୋଷୀୟ ପ୍ରବନ୍ଧନର ଲକ୍ଷକୁ ୨୦୨୫-୨୬ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବ ବୋଲି ସରକାର କହିଛନ୍ତି । ୧୫ଶ ଅର୍ଥ କମିଶନଙ୍କ ଅନୁସାରେ ରାଜ୍ୟ ମାନଙ୍କୁ ୨୦୨୧-୨୨ବର୍ଷରେ ଏସଡିପିର ୪ପ୍ରତିଶତ ପର୍ଯ୍ୟନ୍ତ ଋଣ (ଉଧାର) ପାଇଁ ଅନୁମତି ଦିଆଯାଇଛି । ଏତଦ୍ ବ୍ୟତୀତ ୨୦୨୧-୨୨ ପାଇଁ କେତେକ ସର୍ତ୍ତରେ ଅଧା ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଋଣ ପାଇଁ ମଧ ଅନୁମତି ମିଳିଛି । ୧୫ (ପଞ୍ଚଦଶ) ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ୨୦୨୩-୨୪ ପର୍ଯ୍ୟନ୍ତ ସବୁ ରାଜ୍ୟ ରାଜକୋଷୀୟ କ୍ଷତିକୁ ଜିଏସଡିପି (ଗ୍ରସଷ୍ଟେଟ ଡୋମେଷ୍ଟିକ୍ ପ୍ରଡକ୍ଟ)ର ୩ ପ୍ରତିଶତ ଭିତରେ ସୀମିତ ରଖିବେ । ୨୦୨୧ରୁ ୨୦୨୬ ମଧ୍ୟରେ କେନ୍ଦ୍ରୀୟ ବିଭାଜିତ ପୁଲରେ ରାଜ୍ୟର ଅଂଶ ୪୧ପ୍ରତିଶତ ରଖିବାକୁ ମଧ ଅର୍ଥ କମିଶନ ସୁପାରିସ କରିଛନ୍ତି । ବଜେଟରେ ୭୫ବର୍ଷରୁ ଅଧିକ ବୟସର ଲୋକେ ଆୟକର ରିଟର୍ଣ୍ଣ ଦାଖଲ କରିବେ ନାହିଁ ବୋଲି କୁହାଯାଇଛି । ଆୟକର ସ୍ଲାବରେ ମଧ କୌଣସି ପରିବର୍ତ୍ତନ କରାଯାଇନାହିଁ ।

କରୋନା ମହାମାରୀ କାରଣରୁ ଦେଶର ଅର୍ଥବ୍ୟବସ୍ଥା ନରାଶଜନକ ସ୍ଥିତିରେ ପହଞ୍ଚିଥିଲା । ଏ ଦୃଷ୍ଟିରୁ ଏହି ବଜେଟରେ ସାଧାରଣ ଲୋକଙ୍କ କଥା ଉପରେ ସରକାର ଅଧିକ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଥିଲା । ଏପରିକି ଏ ବଜେଟରେ ଗରିବ ଲୋକ ଓ କୃଷକଙ୍କ ପାଇଁ ସରକାର କିଛି ଅଧିକ ବ୍ୟବସ୍ଥା କରିବେ ବୋଲି ଚିନ୍ତା କରାଯାଇଥିଲା । ଏଭଳି ଚିନ୍ତାର କାରଣ ହେଉଛି କରୋନା ମହାମାରୀ କାରଣରୁ ଅନେକ ଲୋକ ବେରୋଜଗାର ହୋଇଥିଲେ ଓ ଲୋକଙ୍କ ଆର୍ଥିକ ବ୍ୟବସ୍ଥା ମଧ ଖରାପ ହୋଇଯାଇଥିଲା । କିନ୍ତୁ କେନ୍ଦ୍ର ସରକାର ଆଗତ କରିଥିବା ବଜେଟରେ ଗରିବ ଏବଂ କୃଷକଙ୍କୁ ନିରାଶ କରିଛନ୍ତି । ଅନ୍ୟପକ୍ଷରେ ଦେଖିବାକୁ ଗଲେ ରାଜସ୍ୱ ଆୟ କମ୍ କାରଣରୁ ସରକାରଙ୍କ ପାଖରେ ପ୍ୟାକେଜ ପାଇଁ ଅର୍ଥର ଅଭାବ ମଧ ରହିଛି । ଦେଶର ଅର୍ଥ ବ୍ୟବସ୍ଥାକୁ ଗତିଶୀଳ କରିବା ପାଇଁ ଅର୍ଥବ୍ୟବସ୍ଥାରେ ପୁି ନିବେଶକୁ ଅଧିକ ପ୍ରୋତ୍ସାହନ ଦିଆଯିବା ଜରୁରୀ । ଏଥିପାଇଁ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଏମଏସଏମଇ (ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) କ୍ଷେତ ସହିତ ବୁନିଆଦି ବିକାଶ ପାଇଁ ଅଧିକ ବ୍ୟୟ କରାଯିବା ଜରୁରୀ ଥିଲା । ବଜେଟରେ ସ୍ୱାସ୍ଥ୍ୟ ପାଇଁ ଆଶା ଅନୁରୂପ ବ୍ୟବସ୍ଥା କରାଯାଇଛି ଓ ଏହାଦ୍ୱାରା ଲୋକଙ୍କୁ ଅଧିକ ଭାବେ ସ୍ୱାସ୍ଥ୍ୟ ସୁବିଧା ମିଳିପାରିବ । ଗ୍ରାମାଞ୍ଚଳରେ ଆଧାରଭୁତ ସୁବିଧା ପାଇଁ ୪୦ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି ଏହାକୁ ଆହୁରି ଅଧିକ ବଢା ଯାଇପାରିଥାନ୍ତା । ଶିକ୍ଷା କ୍ଷେତ୍ର ପାଇଁ ଛୋଟ ମୋଟ ଘୋଷଣାକୁ ଛାଡି କୌଣସି ବଡ଼ ଯୋଜନା ନାହିଁ । ଏମଏସଏମଇ କ୍ଷେତ୍ର ହେଉଛି ଏଭଳି ଏକ କ୍ଷେତ୍ର ଯାହା ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଏପରିକି ରୋଜଗାରର ନୂଆ ଅବସର ସୃଷ୍ଟି କରିଥାଏ ସେ କ୍ଷେତ୍ର ପାଇଁ ବଜେଟରେ ଅଧିକ ଅର୍ଥ ବରାଦ କରାଯାଇଛି । କିନ୍ତୁ ବର୍ତ୍ତମାନର ଆବଶ୍ୟକତାକୁ ଦେଖିଲେ ଏହି ଅର୍ଥ ମଧ ଅଧିକ ନୁହେଁ । ଏମଏସଏମଇ କ୍ଷେତ୍ରରେ ନିବେଶକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଋଣ ପ୍ରବାହ ବ୍ୟବସ୍ଥାକୁ ସରଳ ସୁଲଭ କରାଯିବ ବୋଲି ଆଶା କରାଯାଇଥିଲା । ବଜେଟରେ ସରକାର ଆସାମର ଚା' ବଗିଚାରେ କାର୍ଯ୍ୟ କରୁଥିବା ମହିଳାଙ୍କ ପାଇଁ କିଛି ଘୋଷଣା କରିଛନ୍ତି । ଷ୍ଟାର୍ଟ ଅପ୍ ଇଣ୍ଡିଆ ଯୋଜନାରେ ମାର୍ଜିନ ମନିକୁ ୨୫ପ୍ରତିଶତରୁ ୧୫ପ୍ରତିଶତ କରାଯିବା ଏକ ଉତ୍ତମ ପଦକ୍ଷେପ । ସୂକ୍ଷ୍ମ ଜଳସେଚନ ପରିଯୋଜନା ପାଇଁ ୫ହଜାର କୋଟିର ଅତିରିକ୍ତ ଆବଣ୍ଟନ ମଧ ଉତ୍ସାହଜନକ ପଦକ୍ଷେପ । ପୁରୁଣା ବାହାନ (ଗାଡ଼ି) ପାଇଁ ସ୍କ୍ରାପ୍ ପଲିସି ମଧ ଭଲ ।

କିନ୍ତୁ ଏସବୁ ପଦକ୍ଷେପ ଅର୍ଥବ୍ୟବସ୍ଥାରେ ଆବଶ୍ୟକତାର ଅଭାବକୁ ଦୂର କରିବା ପାଇଁ ଯଥେଷ୍ଟ ନୁହେଁ । କୃଷକମାନଙ୍କ ପାଇଁ କୃଷକ ସମ୍ମାନ ବିଧିକୁ ବଢାଯିବାର ଆଶା ଥିଲା । ଗ୍ରାମାଞ୍ଚଳରେ ଲୋକଙ୍କୁ ରୋଜଗାର ଦେବା ପାଇଁ ମନରେଗା ଯୋଜନା ପାଇଁ ଅଧିକ ଅର୍ଥର ବରାଦ କରାଯାଇଥିଲେ ଅଧିକ ଲୋକ ଉପକୃତ ହୋଇ ପାରିଥାନ୍ତେ । ଭାରତ ଏଭଳି ଏକ ଅର୍ଥବ୍ୟବସ୍ଥା ଯେଉଁଠି ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ଅଧିକ । ସରକାରଙ୍କ ପାଇଁ ଅର୍ଥ ଜୁଟାଇବା ପାଇଁ ବଜେଟରେ ବିନିବେଶ (ପୁଂଜି ପ୍ରତ୍ୟାହାର) ଉପରେ ଅଧିକ ଭରଷା କରାଯାଇଛି । କିନ୍ତୁ ଗତବର୍ଷର ଅନୁଭବ କହୁଛି ବିନିଯୋଗ ପାଇଁ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ସେ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଯଦି ସରକାର ବିନିବେଶରେ ସଂସାଧନ ଜୁଟାଇବାରେ ଅସଫଳ ହେବେ ତେବେ ରାଜକୋଷୀୟ କ୍ଷତିକୁ ଧାର୍ଯ୍ୟ ସୀମା ଭିତରେ ରଖିବା ମଧ ଅସମ୍ଭବ ହୋଇ ପଡିବ । ଏହାର ଫଳ ସ୍ୱରୂପ ଦରଦାମ ବୃଦ୍ଧି ପାଇବ । ସରକାର ସଂସାଧନ ଜୁଟାଇବା ପାଇଁ ସମ୍ପତ୍ତି ଟିକସକୁ ବିକଳ୍ପ ଭାବରେ ଉପଯୋଗ କରିପାରିଥାନ୍ତେ । ଜିପିଏଫ୍/ଇପିଏଫ୍ ଉପରେ ଅଢେଇ ଲକ୍ଷରୁ ଅଧିକ ସୁଧକୁ ଟିକସର ପରିସରଭୁକ୍ତ କରିବା କାରଣରୁ ମହାମାରୀ କରୋନା ସହ ଲଢେଇ ପାଇଁ ସଂସାଧନ ଜୁଟାଇବା ସହଜ ହେବ । କିନ୍ତୁ ଦେଶର ଅର୍ଥବ୍ୟବସ୍ଥା ସୁଧରିବା ପରେ ଏହି ବ୍ୟବସ୍ଥାକୁ ଉଠାଇ ନେବା ମଧ ଉଚିତ୍ । ବଜେଟରେ ଯୁବକମାନଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ପାଇଁ କୌଣସି ଆବଣ୍ଟନ କରାଯାଇନାହିଁ । ଭାରତୀୟ ଜୀବନ ବୀମା ନିଗମରେ ବିଦେଶୀ ପୁଂଜି ବିନିଯୋଗ (ଏଫଡିଆଇ)ର ସୀମା ୭୫ପ୍ରତିଶତ ବଢାଯିବା ଘଟଣାକୁ ବିରୋଧ କରାଯିବା ଉଚିତ୍ । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ରି କ୍ୟାପିଟାଲାଇଜେସନ ପାଇଁ ୨୦ହଜାର କୋଟି ଟଙ୍କା ଦିଆଯାଇଛି କିନ୍ତୁ କୃଷକଙ୍କ ସମ୍ମାନ ନିଧିରେ କୌଣସି ବୃଦ୍ଧି କରାନଥିବା ଘଟଣାରୁ ସରକାରଙ୍କ ପ୍ରାଥମିକତା ବାବଦରେ ସୃଷ୍ଟ ହୋଇଯାଇଛି ।

ମୋଟାମୋଟି ଭାବେ ଦେଖିବାକୁ ଗଲେ ବଜେଟରୁ ସ୍ପଷ୍ଟ ଯେ ସରକାର ଘରୋଇକରଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଆଗାମୀ ଦିନରେ ଘରୋଇକରଣ ଅଧିକ ହେବ । ସରକାର ପ୍ରାରମ୍ଭରୁ ହିଁ ଘରୋଇକରଣ ରାସ୍ତାରେ ଚାଲିଛନ୍ତି । ଦେଖିବାକୁ ବାକି ରହିଲା ଯେ, ଏହି ବଜେଟ ଦେଶର ଅର୍ଥବ୍ୟବସ୍ଥାକୁ କେତେ ପରିବର୍ତ୍ତନ କରୁଛି ?

+ରାମଚନ୍ଦ୍ରପୁର, ରଣପୁର

୯୪୩୮୪୮୫୦୯୪

## କବିତା କୋଣାର୍କ

### ଆଉ କେତେ ଦିନ ..?

କୁନା ସେଠୀ

ଆଉ କେତେ ଦିନ ଚୁପ୍ ବସିଥିବା
ଆହେ ସୁଜ୍ଞ ଜନ ମୋର
ଗୋଟେ ଗୋଟେ ହୋଇ
ଅନେକ ଅଞ୍ଚଳ
ହେଉଥିବ ଅକ୍ତିଆର ।

ସ୍ୱତନ୍ତ୍ର ପରଠୁ ଆଜି ଯାଏ ମଧ
ଅନେକ ଅଞ୍ଚଳ ରହି
ଓଡ଼ିଶାର ହୋଇ ଅନ୍ୟ ରାଜ୍ୟ ଥାଇ
ଅନ୍ୟ ନାମ ଅଛି ବହି ।

ମିଶେଇ ବାକୁ ଚାହିଁଲେ ମଧ ଆଜି
ପାରୁ ନାହୁଁ ତାକୁ ତୋଳି
ଅନ୍ୟ ରାଜ୍ୟ ତାକୁ କହୁଛି ମୋହର
ମିଛରେ ପାଉଁଶ ବୋଳି ।

ପଡୋଶୀ ରାଇଜ କରେ ହରବର
ଅକ୍ତିଆର କରି ତାକୁ
ମୋର ମୋର କହି
ରାଜ୍ୟରେ ମିଶାଇ
ଦେଖାଏ ତା ତାକତକୁ ।

ଫଳ ପୁଷ୍ପେ ଦେଇ ସେହି ଜନତାକୁ
ଶିଖାଏ ନିଜର ଭାଷା
ନିଜ ରାଜ୍ୟ ଲାଗି
ଭୋଟ ଦେବା ପାଇଁ
ଦେଉଛି ତାହାଙ୍କୁ ନିଶା ।

ଦେଶ ତ ଗୋଟିଏ ରାଜ୍ୟ ଭିନ୍ନ ଭିନ୍ନ
ରହିଛି ସଭିଙ୍କ ସୀମା
ସୀମା ଡେଇଁ କିନ୍ତୁ ଅନ୍ୟ ଅଞ୍ଚଳକୁ
ପକାନ୍ତି ନଜର ବୋମା ।
କୋରାପୁଟ ଜିଲ୍ଲା ଆମ ରାଇଜର

ଦକ୍ଷିଣରେ ରହିଥାଇ
ଏପରି ଅନେକ ଯନ୍ତ୍ରଣା ଭୋଗଇ
ଆନ୍ଧ୍ର ପ୍ରଦେଶଠୁ ଭାଇ ।

କୋଟିଆ ଗ୍ରାମକୁ ନିଜର ବୋଲିତ
ଆନ୍ଧ୍ର କହୁଅଛି ଆଜି
ନିର୍ବାଚନ କରି ଭୋଟ ପାଇବାକୁ
କରାଉଛି ସେଠି ରାଜି ।

ତେଲୁଗୁ ପାଠକୁ ପଢାଉଛି ସେଠି
ଓଡ଼ିଆକୁ ଯାଏ ଭୁଲି
ଓଡ଼ିଶାର ହୋଇ ଓଡ଼ିଆକୁ ଭୁଲି
ତେଲୁଗୁ ପଢନ୍ତି ଖାଲି ।

ଶୁଣିଲେ ଦେଖିଲେ ଲାଗୁଛି ସତରେ
ଆନ୍ଧ୍ରରେ ରହିଛେ ଆମେ
ନେଲେ ନେଉ ସିଏ
ଯେତେ ବା ଅଞ୍ଚଳ
ପ୍ରତିବାଦ କାହା ନାମେ ।

ଓଡ଼ିଆକୁ ଭୁଲି ତେଲୁଗୁ କହୁଛୁ
ଧରୁଛୁ ତାଙ୍କରି ଠାଣି
ଭଲରେ ମନ୍ଦରେ ତାଙ୍କ ସହ ମିଶି
କହୁଛୁ ତାଙ୍କରି ବାଣୀ ।

ସୁଜ୍ଞ ସାହିତ୍ୟକ ବିଚାର କରିବ
ଠିକ୍ ନା ହେଉଛି ଭୁଲ
ଲେଖନୀ ତୁମର ପ୍ରତିବାଦ କରୁ
ରଖ ହେ ନିଜର ମୂଳ ।

+ଭୂତସରସିଙ୍ଗି,ଗଞ୍ଜାମ

### ପ୍ରିୟା

ବିନୟ ମିଶ୍ର

ପ୍ରୀତିର ନଈଟି ମଝି ଧାରେ ଅଛି
କ୍ଷୀଣ ତା ସ୍ରୋତର ବେଗ,
ଦୁଇପଟେ କେତେ ସ୍ମୃତି ସରୁବାଲି
ବାଲିଗରଡ଼ା ଆବେଗ ।

ତୀରେ କେତେ ଘାଟ ଘଷା ପଥରରେ
ଅଭୁଲା ମରମ କଥା,
କବିତାରେ ମୋର ଉତୁରୀ ନିଇତି
ଭିଜାଏ ଗହନ ବ୍ୟଥା ।

ଶୃଙ୍ଖଳା ବନ୍ଧରେ ଭାବନାରେ ମୋର
ଅରୁଣୀ ବାରୁଣୀ ପଟ୍ଟ,
ନିଇତି ହଜୁଛି ତୁମ ଛବି ଖୋଜି
ଭୁଲିବାକୁ ନାହିଁ ବାଟ ।

ଭୋବନୀ କେଉଟ ଜାଲ ଫିଙ୍ଗିଦିଏ
ଧରିବ ସୁନା ଇଲିସି,
ଭାବନା ଡଙ୍ଗାଟି ଦୋହଲି ଉଠୁଛି
ତୁମ କୋଳେ ଯାନ୍ତି ମିଶି ।

ନଈ ସେପାରିର କନକ ଗୋରୀ ଲୋ
ସରୁବାଲିରେ ତୋ ଚାଲି,
ଗାଧେଇବା ବେଳ ଉଖୁରି ଗଲାଣି
ଏକା ଏକା ଆସୁ ଗେଲୀ ।

ବସି ଯାଉ ପୁଣି ମଝିରେ ମଝିରେ
କାହା କଥା ମନେ ଭାବି,
ମୋ କଥା କିବା ଭୁଲି ଗଲୁ ପ୍ରିୟା
ଏ ଘାଟେ ବସିଛି ଜଗି ।

+ନିଆଳ ଖୋର୍ଦ୍ଧା






## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୫

ସେଦିନ ଏମିତି ମିଛିମିଛିକା ଦାନ ଦିଆ ଚାଲିଥିବାବେଳେ ମୋରି ସମ୍ମୁଖରେ ଜଣେ ଶୀର୍ଣ୍ଣକାୟ ବୃଦ୍ଧ ହାତପାତି ଠିଆ ହେଲା । ଜରାଜୀର୍ଣ୍ଣ ଶରୀର, ମଳିନ ପୋଷାକ, ହାଡ଼ ଗଣି ହେଉଥିବା ଦୁର୍ବଳ ଶରୀର ନେଇ ମୋ ସାମନାରେ ହାତପାତି କହିଲା ମହାରାଜ, ମୋର କିନ୍ତୁ ଫୁଲ, ଫଳ, ପତ୍ର ଭଳି ମିଛିମିଛିକା ଦାନ ନୁହେଁ । ସତ ଦାନ ଦରକାର । ମୁଁ ତାକୁ କି ଉତ୍ତର ଦେବି ଭାବିପାରିଲି ନାହିଁ । ଆମେ ଯେ ମିଛରେ ଏମିତି ଖେଳୁଛୁ ତାହା ତାକୁ ବୁଝାଇଲା ପରେ ବି ସେ ମାନିନେବାକୁ ପ୍ରସ୍ତୁତ ନଥିଲା । ବରଂ ଅତି ବିକଳରେ ଅନୁନୟ କରି କହିଲା, ବିଶ୍ୱାସ କରନ୍ତୁ, ଆଜକୁ କୋଡ଼ିଏ ଦିନ ଧରି ପିଲାଟିକୁ ମୋର କି ଜ୍ୱର ହୋଇଛି ଯେ ଛାଡୁନି । ସେଥିରେ ପୁଣି ପିଲାଛୁଆ ମୋର ଉପାସରେ ଅଛନ୍ତି । ମୋତେ କିଛି ଅର୍ଥଦାନ ଦେଇ କୃତାର୍ଥ କରନ୍ତୁ । ଆପଣଙ୍କର ମଂଗଳ ହେବ ।

ଆମ ସାଥିମାନେ ତା କଥାରେ ହସିଲେ । ମୁଁ କିନ୍ତୁ ତା କଥାରେ ଭୀଷଣ ଦୁର୍ବଳ ହୋଇପଡ଼ିଲି । ତା ପାଟିରୁ ମହାରାଜ ଡାକ ମୋ ମନରେ ସେଦିନ ଭରି ଦେଇଥିଲା ବଳ । ମୋର ଯେମିତି ମନେ ହେଉଥିଲା ମୁଁ ମିଛ ରାଜାର ଅଭିନୟ କରୁନି, ସତକୁ ସତ ରାଜା ହୋଇଯାଇଛି । ନା ବୃଦ୍ଧଟିକୁ ମିଛ ଦାନ ନୁହେଁ ସତକୁ ସତ କିଛି ଦାନ କରିବାକୁ ପଡ଼ିବ । ଚାରିଆଡ଼କୁ ଚାହିଁଲି । ପାଖରେ କିଛି ଦେଖାଯାଉ ନଥିଲା । ମୋ ନିଜ ଶରୀରକୁ ଆଖିବୁଲାଇ ଆଣିଲି । ମୋର ଏ ପୋଷାକ, ନା ଏହାର ବା କେତେ ଦାମ୍ ହେବ । ଗଳାରେ ସରୁ ସୂତାର ମାଳି । ସେଥିରେ ଝୁଲୁଥିଲା ଛୋଟ ଏକ ସ୍ୱର୍ଣ୍ଣପଦକଟିଏ । ରାଧାମାଆ ମୋତେ ସେଇଟିକୁ ଆଦରରେ ପିନ୍ଧାଇ ଦେଇଥିଲେ । ଭାବିଲି ଏଇ ସ୍ୱର୍ଣ୍ଣପଦକ ହିଁ ଦାନପାଇଁ ଠିକ୍ ହେବ । ବୃଦ୍ଧର ଅଭାବ କିଛିଟା ନିଶ୍ଚୟ ମେଣ୍ଟିଯିବ ଏଥିରେ ।

ନିଅ ତୁମକୁ ଏଇ ମୁହୂର୍ତ୍ତରେ ଦେବାପାଇଁ ମୋ ପାଖରେ ଆଉ କିଛି ବି ଉପହାର ନାହିଁ, ମୋ ଗଳାରେ ଝୁଲୁଥିବା ଏଇ ସ୍ୱର୍ଣ୍ଣପଦକଟି ହିଁ ମୋର ଏକମାତ୍ର ସମ୍ବଳ । ଏହାକୁ ନେଇ ଏହାରି ଅର୍ଥରେ ତୁମ ଗୁଜୁରାଣ ମେଣ୍ଟାଇ ପାରିବ ।

ମୋ ସାଥୀମାନେ ସମସ୍ତେ ସ୍ତବ୍ଧ, ଚକିତ । କାହାରି ପାଟିରୁ କିଛି ଭାଷା ସ୍ଫୁରୁ ନାହିଁ । ଏପରିକି ବୃଦ୍ଧଜଣକ ମଧ୍ୟ ମୋର ଏ କାର୍ଯ୍ୟକଳାପରେ ହତଚକିତ । ସେ ବୋଧହୁଏ ଏମିତି କିଛି ଦାନ ମୋ ପାଖରୁ ଆଶା କରିନଥିଲେ ।

ତୁମେ ଯଶସ୍ୱୀ ହୁଅ । ଭଗବାନ ତୁମକୁ କୋଟି ପରମାୟୁ ଦିଅନ୍ତୁ । ଭବିଷ୍ୟତରେ ଜଣେ ରାଜଚକ୍ରବର୍ତ୍ତୀ ହୋଇ ଏମିତି ଦାନ କରିଚାଲ । ଏଇ ମୋର ଆଶୀର୍ବାଦ । ଦାନ, ଧର୍ମରେ ଭବିଷ୍ୟତରେ ନିଜକୁ ଉତ୍ସର୍ଗ କରିଦିଅ । ଧରାପୃଷ୍ଠରେ ଜଣେ ପରମଦୟାଳୁ ଦାନୀ ବ୍ୟକ୍ତି ଭାବେ ପ୍ରତିଷ୍ଠିତ ହୁଅ ।

ବୃଦ୍ଧ ଜଣକର ଆଶୀର୍ବାଦ ବାଣୀରେ ମୁଁ ନିଜେ ମଧ୍ୟ ବିମୁଗ୍ଧ । ଭୁଲି ଯାଇଥିଲି, ପଦକଟିକୁ ଦାନ କରି ସାରିଲାପରେ ମୋ ମାଆ ଏହାକୁ କିଭଳି ଭାବେ ଗ୍ରହଣ କରିବେ । ହୁଏତ ରାଗିବେ, ଗାଳି କରିବେ, ଭବିଷ୍ୟତ ପାଇଁ ସତର୍କ କରାଇଦେବେ । ମୁଁ କିନ୍ତୁ ପଦକଟି ଦାନ ଦେଇ ବେଶ ପରିତୃପ୍ତ । ପଛକୁ କିଏ କ'ଣ କହିବ ସେ ନେଇ ମୁଁ ଆଦୌ ଚିନ୍ତିତ ନୁହେଁ, ବରଂ ବୃଦ୍ଧଟିର ମୁଖମଣ୍ଡଳରେ ପରିତୃପ୍ତିର ହସ ଦେଖି ମୁଁ ବେଶ୍ ଆମୋଦିତ । ମୋର ଏତାଦୃଶ କାର୍ଯ୍ୟକଳାପ ଦେଖି ସାଂଗଜଣକ ମୋ ପିଠିରେ ହାତରଖି କହିଲେ "ବସୁ, ଏ କ'ଣ କଲୁ, ସ୍ୱର୍ଣ୍ଣପଦକଟିକୁ କେହି କ'ଣ କେବେ ଏମିତି ଦାନ କରିଦିଏ । ଘରେ ମାଆଙ୍କୁ ଏ ନେଇ କ'ଣ କୈଫିୟତ୍ ଦେବୁ ।

ହଁ ଠିକ୍ କଥା । ମୋର କାର୍ଯ୍ୟକଳାପ ମାଆଙ୍କ ମନରେ ଆଘାତ ଦେବ, ହେଲେ, ମୋ ମନରେ କିନ୍ତୁ ଭିନ୍ନ ଭାବାନ୍ତର । ବୃଦ୍ଧଟିକୁ ଦାନକରି ମୁଁ ସତରେ ଯେମିତି ରାଜା ହୋଇଯାଇଛି । ଆଉ ଏମିତି ମୋ ଗଚ୍ଛିତ ରାଜକୋଷରୁ ଦାନ କରି ଚାଲିଛି ପ୍ରଜାମାନଙ୍କୁ । ଆଃ କି ଆନନ୍ଦ, ତୃପ୍ତି ।

ସେଦିନର ଘଟଣା ପ୍ରବାହ ମୋ ମନରେ କିଛି ଆଶାର ଝଲକ ଭରି ଦେଇଥିଲା । ମୋତେ ଦୃଢ଼ମନା କରି ତୋଳିଲା । ହଁ.... ମୁଁ ଦିନେ ନା ଦିନେ ନିଶ୍ଚେ ରାଜା ହେବି । ସେଦିନ ସତକୁ ସତ ଦାନକରି ଯଶସ୍ୱୀ ହେବି । ମୁଁ ହେବି ଅନ୍ୟ ରାଜାମାନଙ୍କ ଠାରୁ ଭିନ୍ନ, ଅନନ୍ୟ । ଘରେ ପହଞ୍ଚିବା ମାତ୍ରେ ମାଆ ମୋର ଶୂନ୍ୟଗଳାକୁ ଅନାଇ ପଚାରିଲେ, "ବସୁ, ତୋ ଗଳାର ମାଳିରେ ସ୍ୱର୍ଣ୍ଣପଦକ କୁଆଡ଼େ ଗଲା !?"

ମାଆ ମୁଁ ଜଣେ ଗରିବ ବୃଦ୍ଧଙ୍କୁ ତାହା ଦାନ କରିଦେଲି । ମୋର ସ୍ୱାଭାବିକ ଉତ୍ତର ଶୁଣି ମାଆ କହିଲେ ମାନେ ? ଦାନ କରିଦେଲୁ ? ଏତେ ମୂଲ୍ୟବାନ ସ୍ୱର୍ଣ୍ଣପଦକ ? ମାନୁଛି ମାଆ, ସ୍ୱର୍ଣ୍ଣପଦକ ବହୁତ ମୂଲ୍ୟବାନ୍ ଥିଲା । ହେଲେ, ମାଆ, ତୁମେ ଥରେ ବୁଝିବାକୁ ଚେଷ୍ଟାକର ସ୍ୱର୍ଣ୍ଣପଦକର ମୂଲ୍ୟଠାରୁ ସେ ବୃଦ୍ଧ ଭିକ୍ଷୁକଙ୍କ ଆଖିର ଲୋତକ କ'ଣ ବେଶି ମୂଲ୍ୟବାନ୍ ନୁହେଁ ? ତାପରେ ଯାହାସବୁ ଘଟି ଯାଇଥିଲା କିଛି ନ ଲୁଚାଇ ସତସତ ସବୁ କହିଦେଲି ମାଆ ଆଗରେ ।

ମାଆଙ୍କ ଭାଷାରେ ସାମାନ୍ୟ ରୁକ୍ଷତା ଥିଲା । ହେଲେ, ମୋ ପ୍ରତି ଅତ୍ୟଧିକ ସ୍ନେହରେ ସେ ବୋଧହୁଏ ମୋତେ କିଛି କହିପାରୁ ନଥିଲେ କି ଜୋର ଦେଇ ତାଗିଦ କରିପାରୁ ନଥିଲେ । ଖାଲି ଦୀର୍ଘଶ୍ୱାସ ଛାଡ଼ି ମୋ ମୁଣ୍ଡକୁ ଆଉଁସି ଦେଲେ । ବାସ୍ତବରେ ସବୁ ପିତାମାତା ତ ଏମିତି । ସନ୍ତାନର ଯେତେ ଦୋଷତ୍ରୁଟି ଥିଲେ ମଧ୍ୟ ଶ୍ରଦ୍ଧାର ସହ କ୍ଷମା କରିଦେବା ତାଙ୍କର ଯେମିତି ସହଜାତ ପ୍ରବୃତ୍ତି । ସେ ଦୃଷ୍ଟିରେ ମୋର ରାଧାମାଆ ତ ଅତୁଳନୀୟ ।

ମୁଁ ଭୁଲ୍ କରିଛି କି ଠିକ୍ କରିଛି, ତାହା ମୁଁ ଜାଣେନା । କିନ୍ତୁ ମାଆଙ୍କ ମନରେ ସନ୍ତୋଷତା ଭରି ଦେବାପାଇଁ କହିଲି, ମାଆ, ମୁଁ ଯେ ଗରିବ ବୃଦ୍ଧଙ୍କୁ ଦାନ କରିଛି ସେଥିପାଇଁ ତୁମେ କ'ଣ ଖୁସି ନୁହଁ ? ଆଚ୍ଛା କହିଲ, ତୁମେ ମୋତେ ପୂର୍ବରୁ କହିନ, ଆଶ୍ରିତଙ୍କୁ ସହାୟ ହେବୁ । ଗରିବଙ୍କୁ ଦୟା କରିବୁ । ଅନ୍ୟକୁ ବିପଦବେଳେ ସାହାଯ୍ୟ କରିବୁ । ମୁଁ ତ ତାଠାରୁ ବେଶି କିଛି କରିନି । ମୋ ବେକରେ ସେ ସ୍ୱର୍ଣ୍ଣପଦକ ଝଟକୁ ଥାଆନ୍ତା ଆଉ ମୋ ସୌନ୍ଦର୍ଯ୍ୟ ବଢ଼ାନ୍ତା । ଅଥଚ ସେଇଟି ଯଦି ଜଣକର କ୍ଷୁଧା ମେଣ୍ଟାଇ ପାରିଲା, ଜୀବନ ବଞ୍ଚାଇ ପାରିଲା, ତାହାହିଁ କ'ଣ ଆମପାଇଁ ଯଥେଷ୍ଟ ନୁହଁ ? ତୁମେ ହିଁ କୁହ, ଏହାପରେ ବି ତୁମେ କ'ଣ କହିପାରିବ, ମୁଁ ଭୁଲ୍ କରିଛି । ମୋ କଥା ଶୁଣି ମାଆ ଚୁପ୍ ହୋଇଗଲେ । ମୋତେ ପାଖକୁ ଟାଣିନେଇ ମୋ କପାଳରେ ଚୁମ୍ବନ ଆଙ୍କିଦେଲେ । କହିଲେ ବସୁ, ଯା ତୋର ଇଚ୍ଛା ।

ସେଦିନ କିନ୍ତୁ ମୁଁ ମୋ କୃତକର୍ମ ପାଇଁ ଆଦୌ ଅନୁଶୋଚନା କରି ନଥିଲି । ବରଂ ଏମିତି ଏକ କର୍ତ୍ତବ୍ୟକୁ ସୁଚାରୁରୂପେ କରିପାରିଲି ବୋଲି ନିଜକୁ ଭାଗ୍ୟବାନ୍ ମନେ କରୁଥିଲି । ମନେମନେ ଭାବୁଥିଲି ଯଦି ବାସ୍ତବରେ ଏମିତି କେବେ ସୁଯୋଗ ଆସେ, ସତକୁ ସତ ମୋତେ ଯଦି କେବେ ରାଜପଦବି ମିଳେ କେବଳ ସ୍ୱର୍ଣ୍ଣପଦକ କାହିଁକି ଯିଏ ଯାହା ଚାହିଁବ ମନଭରି ଦାନକରିବି ଖୋଲା ହାତରେ । ଜଗତବାସୀଙ୍କୁ ଦେଖାଇ ଦେବି ଦାନର ମହତ କେତେ ?

ହଁ ସୂର୍ଯ୍ୟଦେବ ତ ମୋର ଗୁରୁ । ନିତିନିତି



ସେ ତାଙ୍କର କିରଣ ଦାନ କରୁଛନ୍ତି ସମଗ୍ର ଜଗତବାସୀଙ୍କୁ । କାହିଁ ଯୁଗଯୁଗ ଧରି ସେ ଜ୍ୟୋତି ତାଙ୍କ ଦେହରୁ ତ କ୍ଷୁଣ୍ଣ ହେଉନି । ବରଂ ରଶ୍ମି ବିକିରଣ କରି ସେ ରଶ୍ମିଧର । ଆଉ ମୁଁ ତାଙ୍କରି ଦାୟାଦ ହୋଇ ଦାନ କରିବାକୁ କୁଣ୍ଠା କରିବି କାହିଁକି, ଏ ଜଗତ ଜାଣୁ, ସୂର୍ଯ୍ୟ ନହେଲେବି ଦ୍ୱିତୀୟ ସୂର୍ଯ୍ୟ ଦାନର ପ୍ରତିଦାନ କାହାରି ଠାରୁ ଆଶା କରେନି । ଦେବାରେ ହିଁ ସେ ପାଏ ପରମ ତୃପ୍ତି ।

ମାଆଙ୍କର ନିରବତା ସେଦିନ ମୋ ମନରେ କିଛିଟା ଦୁଃଖ ଭରି ଦେଇଥିଲେ ବି ପରେ ଜାଣିଲି, ମାଆ ତାଙ୍କର ଉଦାର ହୃଦୟରେ ମୋତେ ଠିକ୍ ବୁଝି ପାରିଛନ୍ତି । ତାହାହିଁ ଥିଲା ମୋ ଆଗାମୀ ଜୀବନ ପାଇଁ ଯଥେଷ୍ଟ ଉତ୍ସାହ ଓ ପ୍ରେରଣା ।

**- ପାଞ୍ଚ -**

ଚମ୍ପାପୁର ଗାଁରେ ମୋର ବାଲ୍ୟକାଳ ବେଶ୍ ସୁରୁଖୁରୁରେ କଟି ଯାଉଥିଲା । ବାପା ସବୁବେଳେ ଘରେ ରହୁ ନଥିଲେ । ହସ୍ତିନାପୁର ରାଜ ପରିବାରର ରାଜସାରଥୀ ଭାବେ ତାଙ୍କୁ ଅଧିକାଂଶ ସମୟ ହସ୍ତିନାପୁରରେ ହିଁ ରହିବାକୁ ପଡୁଥିଲା । କେବେ କେମିତି ଛୁଟି ମିଳିଲେ ସେ ଘରକୁ ଆସୁଥିଲେ । ଘରେ ମୁଁ ଓ ମାଆ ଦୁହେଁ ରହିଥାଉ ।

ସେଦିନ ଛୁଟିରେ ବାପା ଆସିଥିଲେ । ମୋ ବିଷୟ ନେଇ ବାପା, ମାଆ କ'ଣ ଆଲୋଚନା କରୁଥିଲେ, ଆଢୁଆଳରେ ଥାଇ ମୁଁ ଶୁଣୁଥିଲି ସେମାନଙ୍କ ବାକ୍ୟାଳାପ । ବାପା କହୁଥିଲେ, ବସୁ ଆଉ କେତେଦିନ ଏମିତି ଖେଳିବ । ତାକୁ ପାଠପଢ଼ାଇବାର ବ୍ୟବସ୍ଥା କରିବାକୁ ପଡ଼ିବ । ଭାବୁଛି ମୁଁ ତାକୁ ମୋ ସହ ହସ୍ତିନାପୁର ନେଇଯିବି । ସେଇଠାରେ ହିଁ ତାର ଶିକ୍ଷାଦୀକ୍ଷାର ବ୍ୟବସ୍ଥା କରିବି । ଏଇଠି ଏମିତି ଗାଁରେ ପଡ଼ିରହିଲେ ତାର ଭବିଷ୍ୟତ କ'ଣ ହେବ ?

ମାଆ କହୁଥିଲେ, ତାହା ଠିକ୍‌କଥା ଯେ, ହେଲେ ମୋତେ ଛାଡ଼ି ସେ ସେଠି ଏକୁଟିଆ ଚଳିପାରିବ ତ ।

ଏକୁଟିଆ କାହିଁକି, ମୁଁ ତ ଅଛି । ସେଠାରେ ମୁଁ ତାର ଦେଖାଶୁଣା କରିବି । ତା'ଛଡ଼ା ବସୁ ତ ଏବେ ପନ୍ଦର ବର୍ଷରେ ପାଦ ଦେଲାଣି । ଏବେ ଠାରୁ ତାକୁ ପଢ଼ାପଢ଼ିର ସୁବିଧା ନ ଦେଲେ ଭବିଷ୍ୟତରେ ସେ କରିବ କ'ଣ ? ମୁଁ ସିନା ରଥଚାଳକ ହୋଇଛି । ହେଲେ ଆମ ପୁଅ କଣ ଆହୁରି ବଡ଼ ହେବନି । ସେ କ'ଣ ବୀର ହେବନି, ଯୋଦ୍ଧା ହେବନି । ତୁମେ କ'ଣ ମାଆ ହୋଇ ତାର ଉଜ୍ଜ୍ୱଳ ଭବିଷ୍ୟତ ଦେଖିବାକୁ ଚାହଁନି ।

ରାଧା, ବସୁ ପାଇଁ ମୁଁ କ'ଣ କିଛି ଚିନ୍ତା କରୁନି ବୋଲି ଭାବୁଛ । ମୁଁ ତ ତାର ଭଲପାଇଁ ତାକୁ ହସ୍ତିନାପୁରକୁ ସଂଗରେ ନେଇଯିବାକୁ ଚାହୁଁଛି ।

ବାପାଙ୍କ କଥା ଶୁଣି ମନେମନେ ମୁଁ ଖୁବ୍ ଆମୋଦିତ ହେଉଥିଲି । ସତରେ ମୁଁ କେତେ ଭାଗ୍ୟବାନ୍ । ବାପା ମୋର ସିନା ରଥଚାଳକ, ହେଲେ ପୁଅ ପାଇଁ ତାଙ୍କର ଅନେକ ସ୍ୱପ୍ନ, ଆଶା, ଆକାଂକ୍ଷା । ମୁଁ କିପରି ଶିକ୍ଷାଦୀକ୍ଷା ପାଇ ବଡ଼ ହେବି । ଭବିଷ୍ୟତରେ ଜଣେ ବଡ଼ଯୋଦ୍ଧା ହେବି ସେଥିପାଇଁ ସେ ଚିନ୍ତିତ ।

ଅନେକ ସମୟରେ ମୁଁ ଲକ୍ଷ୍ୟକରେ, ଘରକୁ ଆସିଲେ ବାପା ମୋତେ ତାଙ୍କ କୋଳରେ ବସାଇ ସ୍ନେହ, ଆଦର କରନ୍ତି । ମୋ ଛାତିର କବଚରେ ହାତ ବୁଲାଇଆଣନ୍ତି । ମୋ କର୍ଣ୍ଣ କୁଣ୍ଡଳକୁ ବାରମ୍ବାର ଛୁଇଁ ଦେଉଥାନ୍ତି । ମୋତେ ଆଲିଙ୍ଗନ ଫାଶ ମଧ୍ୟରେ ବାନ୍ଧିରଖି ମୋ ମସ୍ତକରେ ଆଙ୍କିଦିଅନ୍ତି ଅଜସ୍ର ଚୁମ୍ବନ । ମୁଁ ତାଙ୍କ ସ୍ନେହ ପରଶ ପାଇ ନିଜକୁ ଧନ୍ୟ ମନେକରେ । ମନେମନେ ଗର୍ବ ଅନୁଭବ କରେ । ଭାବେ, ସତରେ କ'ଣ ସବୁ ବାପାମାନେ ଏମିତି । ନିଜ ସନ୍ତାନକୁ ଗୋଟାପଣେ ଆପଣାର କରିବାକୁ ଚାହାଁନ୍ତି ।

ଘରକୁ ଆସିଲେ ମୁଁ ଦେଖେ ବାପା ପ୍ରାୟ ଘୋଡ଼ାମାନଙ୍କୁ ସେବା କରିବାରେ ବ୍ୟସ୍ତ ରହନ୍ତି । ସେମାନଙ୍କ ପ୍ରତି ବାପାଙ୍କ ଯତ୍ନ ଦେଖିଲେ ମୋତେ ବି ବେଳେବେଳେ ଇଚ୍ଛାହୁଏ ଘୋଡ଼ାମାନଙ୍କ ପାଖକୁ ଯିବାକୁ । ବାପାଙ୍କୁ ଦେଖିଲା ମାତ୍ରେ ଘୋଡ଼ାମାନେ ତାଙ୍କ ପାଖକୁ ଯାଇ ମୁହଁ ଘଷନ୍ତି । ଲାଙ୍ଗୁଡ଼ ହଲାଇ ସ୍ୱାଗତ କରନ୍ତି ଯେମିତି । ବାପା ଯେମିତି ଘୋଡ଼ାମାନଙ୍କ ହାବଭାବ ଦେଖି ତାଙ୍କ ଭାଷା ବୁଝିପାରନ୍ତି ।

(କ୍ରମଶଃ)

ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ପ୍ରୀତିର ଫଗୁଣ



ରଶ୍ମୀ ସାମଲ

ପ୍ରୀତିର ଫଗୁଣ....
କେବେ କେମିତି
କେଉଁଠି,କିପରି ଭେଟିଲି
ଆଉ ମୋର ମନେ ନାହିଁ।

ଏତିକି ମନେ ଅଛି ମୋର
ସେହି ଚୋରା ଚାଇଁତାଳି
ଆଉ କୋଇଲିର
ସେହି କୁହୁ କୁହୁ ସ୍ୱର।

ସେ ନିଛାଟିଆ ଖରାବେଳ
ଆଉ ସେହି ସ୍ୱର୍ଶରେ ଝାଉଁଳି
ପଡିଥିବା ଫୁଲ ପତ୍ର,

ଖର ନିଶ୍ୱାସରେ
ଜଳି ଯାଇଥିବା ପ୍ରକୃତି
ଶୁଖିଯାଇଥିବା ଝରଣାର ସ୍ରୋତ।

ଯଦିଓ ଆମ ଭିତରେ
କଥା ପଦେବି ନଥିଲା
କିନ୍ତୁ ନିରବତାର ଅଶେଷ
ସୌନ୍ଦର୍ଯ୍ୟ ଭିତରେ
ଲୁଚି ରହିଥିଲା ସେହି
ପ୍ରୀତିର ଫଗୁଣ।

ଭାବନାଟା ନେଇଥିଲା
ଅନେକ ଦୂରକୁ , ଦୂରକୁ,
ଆଉ ସ୍ମୃତି ସବୁ ଛପି ଯାଇଥିଲା
ହୃଦୟର ସବୁ ନିବୃତ୍ତ କୋଣରେ।

ଭବିଷ୍ୟତ ଉପରେ
ଆଉ ଭରଷା ନଥିଲା
ଧୈର୍ଯ୍ୟର ବନ୍ଧ ଭାଙ୍ଗି
କୂଳ ଖାଇବାକୁ ଲାଗିଲା।

ଫିଙ୍ଗିଦେଲି ଅତି
ସହଜରେ କିଣିଆଣି ଥିବା
ଲୁହ ଦୁଇଟୋପା,

ବୁଝିଗଲି ସେହି ସ୍ରୋତ ବି
ବେଳେ ବେଳେ ଭସେଇ ନିଏ
ଶୁଷ୍କ ମରୁଭୂମିକୁ ।

+ଭୁବନେଶ୍ୱର
ମୋ:୯୪୩୭୧୧୫୮୬୫

## ଆଜିର କବିତା

### କାଳିଆ

ଡଃ ମାଙ୍ଗଳିକା ମହାପାତ୍ର



କହ କାଳିଆ ...
ତୁ ଏମିତି ନିରୁଦ୍ଧିଷ୍ଟ ହେଇଯିବୁ
ତୁ ଏମିତି ପର କରିଦେବୁ
ତୁ ଏମିତି ଭୁଲି ଯିବୁନା ..!!
ତୁ କଣ ମୋ ସମଗ୍ର ସତ୍ତାକୁ
କାବୁ କରିଦେବୁ ..!!!
ତତେ ମୋ ରାଣ କାଳିଆ
ତୁ ଅନ୍ୟଥା ଭାବିବୁ ନାହିଁ
ତୁ ମତେ ପର କରି ଦେଇପାରୁ
ତୁ ମତେ ଦୂରକୁ ଠେଲି ଦେଇପାରୁ
ତୋ ବାଟକୁ ମୁଁ ସେମିତି ଅନେଇ ରହିଛି
ଯେମିତି କୁବୁଜା ମାନ ମହତ
ଭୁଲି ଅପେକ୍ଷା କରିଥିଲା
ତତେ ମଝି ଦାଣ୍ଡଟାରେ ..
ଯେମିତି ରାଧା ତତେ
ଖୋଜୁଥିଲେ କୁଞ୍ଜ ବନରେ..
ଯେମିତି ସୁଦାମା ଚାହିଁଥିଲେ
ତାଙ୍କ କୁଟୀରରେ ..
ଯେମିତି ଦ୍ରୌପଦୀ
ଡାକିଥିଲେ କୁରୁସଭାରେ ..
ଯେମିତି ସୀତା ଅପେକ୍ଷାରେ
ଥିଲେ ଅଶୋକ ବାଟିକାରେ..
କେତେ ରୂପେ ଖୋଜିବି
କହରେ କାଳିଆ ତତେ ..!!!
ଏତିକି ଅଳି ତୋ ଦୁଆରେ
ନେଇଯା ଏବେ ପାଖକୁ ମୋତେ ..

+ପ୍ରଶାନ୍ତି ବିହାର ,କିଟ୍

### ନୀଳ କଇଁ

ଝରଣା ବାରିକ



କାହିଁକି ଏମିତି ରୁଷି ତୁ ବସିଛୁ
ଟିକିଏ ଦେରେ ହସି
ତୋ ମୁହଁ ଶୁଖିଲେ କେମିତି ହସିବି
ନିଶ୍ଚିତରେ ଏଠି ବସି।

ଆଗକୁ ଆସୁଛି ପ୍ରେମର ଦିବସ
କରନା ତୁ ଊଣା ମନ
ଗୋଲାପଟେ ଦେବି ମାଗଣାରେ ତତେ
ଲୋଡ଼ା ନାହିଁ ମୋର ଧନ।

ତୋ ମୁହଁରେ ହସ ଦେଖିଦେଲେ ପରା
ପେଟ ମୋର ଯାଏ ପୁରି,
ଶୁଖିଲା ମୁହଁ ତୋ ଦେଖି ଦେଲେ କାହିଁ
ମୁଣ୍ଡ ମୋର ଯାଏ ଘୁରି।

ନିଳ ଆକାଶରେ ଜହ୍ନଟିଏ ତୁହି
ମୁଁ ପରା ଶରଣୀ କଇଁ,
ତୁ ଯଦି ନ ଆସୁ ମୁଁ ବି ଫୁଟେନି
ତତେ ରହିଥାଏ ଚାହିଁ।

ପ୍ରେମ ରିତୁ ଏବେ ଚାଲିଛି ଜାଣିଥା
ମିଛ କହିବିନି ତତେ
ଭାଲେଣ୍ଟାଇନ୍‌ଟି କାଲି ଯିବ ଚାଲି
ମୁଁ ଥିବି ସଦା ସାଥେ।

+ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- ୯୫୫୬୮୪୬୯୩୨

## ବ୍ୟକ୍ତିତ୍ୱର ବିକାଶ

### ଅନୁପମା ଦାସ



ସମାଜରେ ପ୍ରତ୍ୟେକ ଚାହାନ୍ତି ଆମେ କେମିତି, ଗୋଟେ ଭଲ ବ୍ୟକ୍ତିତ୍ୱର ଅଧିକାରୀ ହେବୁ ଯାହାଙ୍କୁ ସମସ୍ତେ ଭଲ ପାଇବେ ସ୍ନେହ ଆଦର ଦେବେ । କିନ୍ତୁ ଏସବୁ ଭାବନାରେ ସୀମିତ ରହିଯାଏ, ବାସ୍ତବରେ ପରିସ୍ଫୁଟ ହୋଇପାରେନା । ଭାବନ୍ତୁ ତ ଆମେ କ'ଣ କେବେ ବିଶ୍ଳେଷଣ କରିଛେ ଏପରି କାହିଁକି ହୋଇପାରେନା !

ମୋତେ ଲାଗେ ଆଜି ସେ ସମୟ ଆସିଛି ଆମକୁ ନିଜ ଲାଗି, ପରିବାର ଲାଗି, ପରିବେଶ ଲାଗି, ମୁଖ୍ୟତଃ ସମାଜ ଲାଗି ନିଜ ବ୍ୟକ୍ତିତ୍ୱରେ ସୁଧାର ଆଣିବାକୁ ହେବ । ତନ୍ନତନ୍ନ କରି ବୁଝିଲେ ଦେଖିବା ବ୍ୟକ୍ତିତ୍ୱ ବିକାଶରେ ଚରିତ୍ର ଏବଂ ବ୍ୟବହାରର ସ୍ଥାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଚରିତ୍ର କହିଲେ ନିଜର ଚାଲିଚଳନ - ଆଚାର ବ୍ୟବହାର ଓ କଥାବାର୍ତ୍ତା ମାର୍ଜିତ ହେବାକୁ ବୁଝାଏ । ଆମେରିକାରେ ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ ସମାପନ ପରେ ସ୍ଥାନୀୟ ମହିଳା ଜଣେ ସ୍ୱାମୀଜୀଙ୍କୁ ପଚାରିଥିଲେ- 'ମହାଶୟ ଆପଣ ଇଂରାଜୀରେ ଏତେ ସୁନ୍ଦର ବକ୍ତୃତା ଦେଇପାରୁଛନ୍ତି , ଏତେ ଜ୍ଞାନ ଆପଣଙ୍କର ; କିନ୍ତୁ ଏପରି ବସ୍ତ୍ର ପରିପାଟୀରେ କ'ଣ ବ୍ୟକ୍ତିତ୍ୱ ଠିକ୍? ଲାଗୁଛି ? ' ଉତ୍ତରରେ ସ୍ୱାମୀଜୀ କହିଥିଲେ ' In your country clothes makes u gentleman but in my country character makes a gentleman . ' ଭାବିଲେ ଦେଖି । ଏଇଟା କ'ଣ ଗୋଟେ ମାମୁଲି କଥା ? ଆମ ଆର୍ଯ୍ୟ ସଂସ୍କୃତି ପରମ୍ପରା ସତରେ କେତେ ଉଚ୍ଚକୋଟୀର ନଥିଲା ! କେତେ କେତେ ସାଧକ ନିଜର ଚଳନ, ଚରିତ୍ର, ବ୍ୟକ୍ତିତ୍ୱରେ ଆମ ସଂସ୍କୃତିକୁ କେଉଁ ଉଚ୍ଚ ସ୍ଥାନକୁ ନେଇଯାଇଛନ୍ତି । ଆମେ କ'ଣ ସେସବୁ ଭୁଲିଯାଇନେ ? ଖାଲି ସୁନ୍ଦର ବେଶ ପୋଷାକ ପିନ୍ଧି ନିଜ ବଡପଣ ଦେଖେଇବା, କ'ଣ ଟିକେ ଜ୍ଞାନ ହାସଲ କରିଦେଲେ ଡିଗ୍ରୀ ଡିପ୍ଲୋମା ଦେଖାଇ ଲୋକଙ୍କୁ ପ୍ରଭାବିତ କରିବା, କିଛି କରିକି ନିଜ ଆଡକୁ ଆକର୍ଷିତ କରିବା, ଏହିସବୁ ବ୍ୟକ୍ତିତ୍ୱ ବୋଲି ଭାବି ନେଇଛେ। ସତ କଥା ହେଲା ଏତାଦୃଶ କର୍ମରେ ନା ନିଜର ନା ସମାଜର କୌଣସି ମଙ୍ଗଳ ସାଧନ ହୁଏ । ମଣିଷର ବ୍ୟକ୍ତିତ୍ୱ ଏପରି ହେବା ଉଚିତ ଯେମିତି ଜଣଙ୍କୁ ଦେଖି ହଜାର ହଜାର ଲୋକ ଭଲ ବ୍ୟକ୍ତିତ୍ୱ ଏବଂ ଚରିତ୍ରର ଅଧିକାରୀ ହୋଇଉଠୁଥିବେ । ଯେ' ଯେପରି ଅବସ୍ଥାରେ ଥାଉ ନା କାହିଁକି ଇଚ୍ଛା କଲେ ନିଜ ଚେଷ୍ଟା ବଳରେ ଉଚ୍ଚ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ ।

ବହୁ କ୍ଷେତ୍ରରେ ଦେଖାଯାଏ ମାନ ନ ଦେଇ ଆମେ ମାନ ପାଇବାରେ ଉବୁଟୁବୁ ହେଉ , ପାରିପାର୍ଶ୍ୱିକକୁ କିଛି ନଦେଇ ଖାଲି ଗ୍ରହଣ କରିବାର ବୁଦ୍ଧି ଜାଗିଉଠେ, ସେତେବେଳେ ମଣିଷର ବ୍ୟକ୍ତିତ୍ୱର ଅପଳାପ ଘଟେ । ବ୍ୟକ୍ତିତ୍ୱକୁ କିପରି ରକ୍ଷା କରି ହେବ ଏ ବିଷୟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି 'ବଞ୍ଚିବାକୁ ଏବଂ ବ୍ୟକ୍ତିତ୍ୱକୁ ରକ୍ଷା କରିବାକୁ ହେଲେ ହିଁ ପରିବେଶ ବା **environmente** ତୁଷ୍ଟି ପୁଷ୍ଟି ଦରକାର । ପରିସ୍ଥିତି ମାନେ ହିଁ ହେଲା ଯେଉଁ ମାନଙ୍କୁ ନେଇ ଏବଂ ଯେଉଁ ମାନଙ୍କ ଦ୍ୱାରା ମୁଁ ବଞ୍ଚିଥାଏ ଓ ବିବର୍ଦ୍ଧିତ ହୁଏ, ଅର୍ଥାତ ପାରି ପାରିପାର୍ଶ୍ୱିକ । ତେଣୁ ମୋର ପରିସ୍ଥିତିକୁ ସୁସ୍ଥ , ସବଳ, ସତେଜ କରି ନ ପାରିଲେ ମୁଁ ସୁସ୍ଥ ରହି ପାରେନା, ମୋ' ବ୍ୟକ୍ତିତ୍ୱର ବିକାଶ ହୋଇପାରେନା ।'

ଯେଉଁ ବ୍ୟକ୍ତି ନିଜର ଜୀବନକୁ ସାଫଲ୍ୟ ମଣ୍ଡିତ କରିବାକୁ ଚାହେଁ , ନିଜର ବ୍ୟକ୍ତିତ୍ୱ ବିକାଶ କରିବାକୁ ଚାହେଁ , ସେ ଅନ୍ୟର ଜୀବନ ଓ ବୃଦ୍ଧିର ଅନୁକୂଳ ହେବ ହିଁ । ଅନ୍ୟମାନଙ୍କୁ ଛୋଟ ଛୋଟ ଖୁସି ଦେଇ ତାଙ୍କ ବ୍ୟକ୍ତିତ୍ୱ ବୃଦ୍ଧିରେ ଯୋଗଦାନ ଦେଲେ , ନିଜ ବ୍ୟକ୍ତିତ୍ୱ ବି ଅଜାଣତରେ ବୃଦ୍ଧିପ୍ରାପ୍ତ ହୁଏ । ଅନ୍ୟମାନେ ଯଦି ଖରାପ ବ୍ୟବହାର ଦିଅନ୍ତି, ବଦଳରେ ଆମେ ସେପରି ଦେଲେ ତାଙ୍କ ଭିତରେ ଆଉ ଆମ ଭିତରେ ତ ପ୍ରଭେଦ ହୋଇ ପାରେନା। କିନ୍ତୁ ସର୍ବାବସ୍ଥାରେ ଅନ୍ୟର ଭଲ ଟିକକ ଦେଖିଲେ ବ୍ୟକ୍ତିତ୍ୱର ଉନ୍ନତି ଘଟିବା ସୁନିଶ୍ଚିତ । ବ୍ୟକ୍ତି ଯେପରି ବ୍ୟବହାର କରିବ , ତା'ର ବ୍ୟକ୍ତିତ୍ୱ ସେହିପରି ପ୍ରକଟ ହେବ ।

ସଂକ୍ଷେପରେ ଆସନ୍ତୁ ଜାଣିବା ବ୍ୟକ୍ତିତ୍ୱର ବିକାଶ କିପରି ସମ୍ଭବ :-

ମନୁଷ୍ୟର ପରିବେଶ ସହିତ ସାମଞ୍ଜସ୍ୟ ରହିଲେ ବ୍ୟକ୍ତିତ୍ୱର ବିକାଶ ହୁଏ ।

ମନୁଷ୍ୟର ବ୍ୟବହାର, ଢଙ୍ଗ, ଯୋଗ୍ୟତା, ରୁଚି, କ୍ଷମତା ପ୍ରଭୃତି ଗୁଣର ସୁସମନ୍ୱୟରେ ବ୍ୟକ୍ତିତ୍ୱର ବିକାଶ ସମ୍ଭବ । ବ୍ୟକ୍ତିତ୍ୱ ନିର୍ଦ୍ଧାରିତ ହୁଏ- କିପରି ଆମେ ପରିସ୍ଥିତିକୁ ଦେଖୁ , କିପରି ଅନୁଭବ କରୁ, କିପରି କଥା କହୁ, କିପରି କାର୍ଯ୍ୟ କରୁ, ଏହି ସବୁ ଦେଖି । ନିଜର ଆତ୍ମଚେତନା ବା **self-consiousness** ଠିକ ରହିବା ଦରକାର ।

ମାନସିକ ସ୍ୱାସ୍ଥ୍ୟ ଠିକ ରହିଲେ, ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ସମ୍ଭବ ।

ମନୁଷ୍ୟ ଯେପରି କଳ୍ପନା କରିପାରେ, ଆଉ କୌଣସି ପ୍ରାଣୀ ସେପରି କରିପାରେନା । ସାମାଜିକ ଦୃଷ୍ଟିଭଙ୍ଗୀ ସହ ସତ ଭାବରେ ତାଳ ମିଳାଇ ଚଳି ପାରିଲେ ଅନେକାଂଶରେ ବ୍ୟକ୍ତିତ୍ୱର ବିକାଶ ସମ୍ଭବ ।

ଦୃଢ଼ ଇଚ୍ଛାଶକ୍ତି ଯେଉଁମାନଙ୍କର ଥାଏ, ସେମାନେ ହିଁ ଉଚ୍ଚ ବ୍ୟକ୍ତିତ୍ୱର ଅଧିକାରୀ । ଏହି ଲକ୍ଷଣ ଥିବା ଯୋଗୁଁ ସେମାନେ ମନ ଲଗାଇ ପ୍ରତ୍ୟେକ କାର୍ଯ୍ୟ କରନ୍ତି । ଧର୍ଯ୍ୟର ସହିତ ସମସ୍ତ ପରିସ୍ଥିତିର ସଠିକ ମୁକାବିଲା କରିପାରନ୍ତି । ବ୍ୟକ୍ତିତ୍ୱର ବିକାଶ ସେହିମାନଙ୍କ କ୍ଷେତ୍ରରେ ସମ୍ଭବ, ଯେଉଁମାନଙ୍କ ମଧ୍ୟରେ ଖୁବ ଆତ୍ମସନ୍ତୋଷ ଏବଂ ଆଗକୁ ବଢ଼ିବାର ପ୍ରବଳ ଇଚ୍ଛା ଓ ଭାବନା ମନ ମଧ୍ୟରେ ଥାଏ ।

ମୋ' ମତରେ ଏକ ସୁନ୍ଦର ଚରିତ୍ରଭରା ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ସମାଜର ଅନେକ ଉନ୍ନତି ଏବଂ ପରିବର୍ତ୍ତନ ସମ୍ଭବ । ତେଣୁ ବ୍ୟକ୍ତି ପାଇଁ ତା'ର ବ୍ୟକ୍ତିତ୍ୱ ଏକ ଅମୂଲ୍ୟ ଗୁପ୍ତ ଦୌଲତ। କଥାରେ ଅଛି :-

'ଥିଲେ ଥାଉ ପଛେ ଗୁଣ ହଜାର
ଚରିତ୍ର ନଥିଲେ ସବୁ ଅସାର ।'

+ ଶ୍ରୀବିହାର, ଲେନ୍ ନଂ -୦୧,
କେଉଁଝର, ୭୫୮୦୦୧

# ପ୍ରସ୍ତାବିତ ଏନଏମଏ ପ୍ରତ୍ୟାହାର ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିଜେପି ସଦସ୍ୟ ଓ ଶ୍ରୀମନ୍ଦିର ସେବାୟତ

## ମୋଦି ସରକାର ଥିବା ଯାଏଁ ଶ୍ରୀଜଗନ୍ନାଥ ମନ୍ଦିର ଉପରେ କୌଣସି ଆଂଚ ଆସିବ ନାହିଁ :ବିଜେପି

ନୂଆଦିଲ୍ଲୀ/ଭୁବନେଶ୍ୱର,୧୦।୨ (ନି.ପ୍ର): ଶ୍ରୀମନ୍ଦିର ପାଇଁ ପ୍ରସ୍ତାବିତ ଏନଏମଏର ଐତିହ୍ୟ ଉପନିୟମ ପ୍ରତ୍ୟାହାର କରାଯାଇଥିବାରୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ମନ୍ଦିରର ସେବାୟତ ଏବଂ ଓଡିଶା ବିଜେପିର ଏକ ପ୍ରତିନିଧୀ ମଣ୍ଡଳ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କ ଭେଟି ଧନ୍ୟବାଦ ଜଣାଇଥିଲେ । ପୁରୀ ଶ୍ରୀମନ୍ଦିର ଏବଂ ତା'ର ଚତୁଃପାର୍ଶ୍ୱକୁ ସୌନ୍ଦର୍ଯ୍ୟୀକରଣ ଏବଂ ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଯାହା ବ୍ୟବସ୍ଥା କରାଯିବ ତାହା ସମସ୍ତ ନିଯୋଗ, ସେବାୟତ, ସ୍ଥାନୀୟ ବାସିନ୍ଦା ଓ ଷ୍ଟେକ ହୋଲଡରଙ୍କ ସହ ଚର୍ଚ୍ଚା ଆଲୋଚନା କରି ନିଷ୍ପତି ନିଆଯିବ ବୋଲି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ କହିବା ସହ ଏଥିପାଇଁ ସେ ବ୍ୟକ୍ତିଗତ ଭାବେ ପୁରୀ ଆସି ସମସ୍ତଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ଏହା ପରେ ବିଜେପି ସଦସ୍ୟ ଓ ଶ୍ରୀମନ୍ଦିର ସେବାୟତମାନେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି । ପୁରୀ ଶ୍ରୀମନ୍ଦିର ଏବଂ ତା'ର ନୀତିକାନ୍ତି, ପଂରପରା, ସେବାୟତ ଓ ଭକ୍ତ ସମସ୍ତଙ୍କର ଭାବାବେଗ ଓ ଆବଶ୍ୟକତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ । ମୋଦି ସରକାର ଥିବା ଯାଏଁ ଶ୍ରୀଜଗନ୍ନାଥ ମନ୍ଦିର ଉପରେ କୌଣସି ଆଂଚ ଆସିବ ନାହିଁ ବୋଲି ଗୃହମନ୍ତ୍ରୀ ଶ୍ରୀ ଶାହା ପ୍ରତିନିଧୀ ଦଳକୁ ପ୍ରତିଶୃତି ଦେଇଛନ୍ତି । ଏହି ଅବସରରେ ପ୍ରତିନିଧୀ ଦଳ ପୁରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ସଂରକ୍ଷଣ ସଂପର୍କରେ ଆଲୋଚନା ହୋଇଥିଲା । ସେବାୟତମାନେ କେନ୍ଦ୍ର ଗୃହ ମନ୍ତ୍ରୀ ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ପୁରୀ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି । ଏହି ସାକ୍ଷାତକାଳରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ରାଜ୍ୟ ବିଜେପି ସାଧାରଣ ସଂପାଦିକା ଲେଖାଶ୍ରୀ ସାମନ୍ତସିଂହାର, ବ୍ରହ୍ମଗିରୀ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଡ. ବସନ୍ତ ପତି, ଭୀମସେନ ଚନ୍ଦନ ହଜୁରୀ, ମଧୁସୂଦନ ସିଂହାରୀ, ରାମଚନ୍ଦ୍ର ସୁଆଁର, ଭବାନୀ ଶଙ୍କର ଦାସମହାପାତ୍ର ଏବଂ ସୋମନାଥ ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ । ଉଲ୍ଲେଖ୍ୟଯୋଗ୍ୟ ଯେ ମହାପ୍ରଭୂ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ପ୍ରସ୍ତାବିତ ଏନଏମଏର ଐତିହ୍ୟ ଉପନିୟମକୁ ଲାଗୁ ନକରିବା ପାଇଁ ଗତକାଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀଙ୍କ ସମେତ ରାଜ୍ୟ ବିଜେପି ସାଂସଦମାନେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କ ସହ ଆଲୋଚନା କରିଥିଲେ । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ପଟେଲ ଓଡିଶାର ପ୍ରସଙ୍ଗକୁ ପ୍ରାଧାନ୍ୟ ଦେଇ ତୁରନ୍ତ ଏନଏମଏର ଐତିହ୍ୟ ଉପନିୟମକୁ ପ୍ରତ୍ୟାହାର କରିଥିଲେ ।

# କାର୍ ଓ ବାଇକ୍ ସହ ୮୦ କେଜି ୯୦୦ ଗ୍ରାମ୍ ଗଞ୍ଜେଇ ଜବତ : ଦୁଇ ଗିରଫ

କନ୍ଧମାଳ,୧୦।୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅଂଚଳରେ ଏକ ଫୋର୍ଡ଼ ଫିଗୋ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଆଜି ସଦର ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ତିନୋଟି ବସ୍ତାରେ ଥିବା ୮୦ କେଜି ୯୦୦ ଗ୍ରାମ୍ ଗଞ୍ଜେଇ ସମେତ କାର୍ କୁ ଜବତ କରିଛି । ଚାଲାଣ କାର୍ଯ୍ୟରେ ସହଯୋଗ କରୁଥିବା ଆଉ ଏକ ଟିଭିଏସ୍ ଆପାଚେ ବାଇକ୍ କୁ ମଧ ପୋଲିସ ଜବତ କରିଛି । ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପକନା ଗାଁ ଅଂଚଳର ତାପସ ଦିଗାଲ ଓ ବିଶ୍ୱମ୍ବର ବେହେରା ବୋଲି ଜଣାପଡିଛି । ଏ ସଂକ୍ରାନ୍ତରେ ସଦର ଥାନା ପୋଲିସ ୧୦/୨୧ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ବାରହା ଫାଶରେ ନୀରିହର ଜୀବନ ଗଲା

ମୁଖୀଗୁଡା,୧୦।୨ (ନି.ପ୍ର): ବାରହା ଶିକାର ପାଇଁ ବିଦ୍ୟୁତ ସଂଯୋଗ କରା ଯାଇ ଫାଶ ଲଗା ଯାଇଥିଲା ହେଲେ ଫାଶ ରେ ବାରହା ବଦଳରେ ଫାଶ ରେ ଏକ ନିରୀହର ଜୀବନ ର ଯିବା ସହ ତାର ପରିବାର ଉଜୁଡିଯାଇଛି । ଜୟପାଟଣା ଥାନା ଅନ୍ତର୍ଗତ କାଦୋପଦର ଗାଁ ର ଅର୍ଜୁନ ମାଝୀ ଗାଇଧାର ନଦୀ କୂଳରେ ଇଟା ତିଆରି କରୁଥିଲେ ସେଠାରେ ବିଦ୍ୟୁତ ସଂଯୋଗ କରି ବାରହା ଶିକାର ପାଇଁ ଫାଶ ଲଗାଇ ଥିଲେ । କାଦୋପଦର ଗ୍ରାମ ର ଗଜାନନ କ (୪୫) ଙ୍କ ସ୍ତ୍ରୀ ଫୁଲମତି ଅର୍ଜୁନଙ୍କ ଇଟା ତିଆରି କାମ କରୁଥିଲେ ।ଆଜି ସକାଳେ ଗଜାନନ ସ୍ତ୍ରୀ ଙ୍କୁ ଇଟା ତିଆରି ସ୍ଥଳକୁ ଛାଡିବାକୁ ଯାଉଥିବା ବେଳେ ଫାଶ ରେ ପଡି ମୃତ୍ୟୁ ବରଣ କରିଥିଲେ ।ଖବର ପାଇ ଜୟପାଟଣା ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ପରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରା ଯାଇଛି ।ଅର୍ଜୁନ କୁ ଗିରଫ କୋର୍ଟ ଚାଲାଣ କରିଛି ଜୟପାଟଣା ପୋଲିସ । ଗତ ୬ମାସ ତଳେ ପୁଅର ମୃତ୍ୟୁ ଘଟିଥିଲା ବେଳେ ଏବେ ଗଜାନନ ଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଉଛି ।

# ଯାଜପୁର ଓ କନ୍ଧମାଳ ଜିଲ୍ଲାରେ ହେବ ୪ ଟି ପାନୀୟ ଜଳ ପ୍ରକଳ୍ପ

## ୨ ବର୍ଷରେ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର,୧୦।୨ (ନି.ପ୍ର): ରାଜ୍ୟ ସରକାର ଜଳ ଜୀବନ ମିଶନ ଯୋଜନାରେ ଯାଜପୁର ଓ କନ୍ଧମାଳ ଜିଲ୍ଲାରେ ୨ ଟି ଲେଖାଏଁ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ ପାଇଁ ଆସିଥିବା ସର୍ବନିମ୍ନ ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ଯାଜପୁର ଜିଲ୍ଲାରେ ୨୫୪କୋଟି ୨୭ ଲକ୍ଷ ୨୦ ହଜାର ୨୦୦ ଟଙ୍କାରେ ନିର୍ମାଣ ହେବାକୁ ଥିବା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ୫ଟଇ ବ୍ଲକ୍ ର ୩୨୩ଟି ଗ୍ରାମର ପ୍ରାୟ ୩,୯୦,୮୬୮ ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ । ଦାନଗଦି ବ୍ଲକ୍ ର ୧୦୪ଟି ଗ୍ରାମର ୧,୫୯,୦୮୮ , ରସୁଲପୁର ବ୍ଲକ୍ ର ୧୬୦ଟି ଗ୍ରାମର ୧,୭୮,୫୭୦ , ଧର୍ମଶାଳା ବ୍ଲକ୍ ୮ଟି ଗ୍ରାମର ୨,୫୯୭ , ବରୀ ବ୍ଲକ୍ ର ଗୋଟିଏ ଗ୍ରାମର ୧,୧୭୫ ଓ ଯାଜପୁର ବ୍ଲକ୍ ର ୫୦ଟି ଗ୍ରାମର ୪୯,୪୩୮ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ । ସେହିପରି ୧୮୫କୋଟି ୯୨ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଉକ୍ତ ପ୍ରକଳ୍ପ ଦ୍ୱାରା କନ୍ଧମାଳ ଜିଲ୍ଲାର ୨ଟି ବ୍ଲକ୍ ର ୩୨୯ଟି ଗ୍ରାମର ପ୍ରାୟ ୧,୦୫,୨୧୭ ଜଣ ଗ୍ରାମବାସୀ ଉପକୃତ ହେବେ । ଟିକାବାଲି ବ୍ଲକ୍ ର ୧୨୯ଟି ଗ୍ରାମର ୫୦,୭୯୮ ଓ ବାଲିଗୁଡା ବ୍ଲକ୍ ର ୨୦୦ଟି ଗ୍ରାମର ୫୪,୪୧୯ ଜନସାଧାରଣ ନିରାପଦ ପାନୀୟ ଜଳ ପାଇପାରିବେ । ଉପରୋକ୍ତ ସମସ୍ତ ପ୍ରକଳ୍ପ ପାଇଁ ମୁମ୍ବାଇର ମେସର୍ସ ଜେଏମସି ପୋଜେକ୍ଟ (ଇଣ୍ଡିଆ) ଠିକାସଂସ୍ଥାର ସର୍ବନିମ୍ନ ଟେଣ୍ଡରକୁ ଅନୁମୋଦନ ମିଳିଛି । ୨୪ ମାସ ମଧ୍ୟରେ ଏହି ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି ।

# ଚଣ୍ଡିଖୋଲରୁ ନିଖୋଜ ଶିଶୁପୁତ୍ର ଅନୁଗୁଳରୁ ଉଦ୍ଧାର

ଧର୍ମଶାଳା,୧୦।୨ (ନି.ପ୍ର): ଯାଜପୁର ଜିଲା ବଡଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧିନସ୍ଥ ଖୋସାଲିପୁର ଆଦିବାସୀ ସାହିରୁ ଗତ ଡିସେମ୍ବର ମାସ ୨୩ତାରିଖରୁ ନିଖୋଜ ହୋଇଥିବା ଟିଂଟୁକୁ ବଡଚଣା ପୁଲିସ ଆଜି ଅନୁଗୁଳରୁ ଉଦ୍ଧାର କରିଛି । ସୂଚନା ଅନୁଯାୟୀ ଏହି ଆଦିବାସୀ ସାହିର ତୋଫାନି ଜଜ୍ ଙ୍କ ପୁଅ ଟିଂଟୁ(୪)କୁ କେହି ଜଣେ ଅପରହଣ କରିନେଇଥିବା ନେଇ ଧାନମଣ୍ଡଳ ଫାଣ୍ଡିରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତିକରି ପୁଲିସ କେସ ନମ୍ବର ୪୩୧/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିଲା । ନିଖୋଜର ଦେଢମାସ ପରେ ପୁଲିସ ତାଙ୍କୁ ଉଦ୍ଧାର କରିଛି । ଏ ନେଇ ତୋଫାନୀଙ୍କ ସହ ଯୋଗାଯୋଗ କରିବାରୁ ମୋ ପୁଅ ଆମକୁ ଦେଖି ଖୁସିରେ ବାପା ବାପା ଡାକି ମୋ ପାଖକୁ କଳାଇ ଆସିଥିଲା । ସେ କହିଥିଲେ ମୋ ପୁଅକୁ କେହି ଅପରହରଣ କରି ନେଇଥିଲା । ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅପହରଣକାରୀ ଜଣେ ୮୦ବର୍ଷିୟା ବୃଦ୍ଧାଙ୍କ ପାଖରେ ଛାଡି ପଳାଇଯାଇଥିଲା । ଏହାର ଦୁଇ ତିନିଦିନ ରହିବା ପରେ ବୃଦ୍ଧା ଜଣକ ଶିଶୁର ସଠିକ ଯତ୍ନ ନନେଇପାରିବାରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଶିଶୁଟିକୁ ଅନୁଗୁଳସ୍ଥିତ ଆଦୃତ ଚିଲଡ୍ରେନ ଫଂଚତାରକା ଗୃହରେ ଛଡା ଯାଇଥିଲା । ସାରା ରାଜ୍ୟରେ ଶିଶୁ ଅପହରଣ ହେଉଥିବା ଖବର ବ୍ୟାପୁ ଥିବାରୁ ସେ ଭୟଭିତ ହୋଇ ସ୍ଥାନୀୟ ଲୋକଙ୍କ ସହଯୋଗରେ ପ୍ରଶାସନକୁ ଜଣାଇଥିଲା । ପରେ ଏ ସମ୍ପର୍କରେ ଅନୁଗୁଳ ପୁଲିସ ବଡଚଣା ପୁଲିସ ସହ ଯୋଗାଯୋଗ କରିଥିଲା । ବଡଚଣା ପୁଲିସ ପକ୍ଷରୁ ଫାଣ୍ଡି ଅଧିକାରୀ ନନ୍ଦକିଶୋର ଦାସ,ହାବିଲାଦାର ବିଦ୍ୟାଧର ସେଠୀ ନିଖୋଜ ଶିଶୁର ମାତା ପିତାଙ୍କୁ ସାଙ୍ଗରେ ନେଇ ଅନୁଗୁଳରୁ ପିଲାଟିକୁ ଉଦ୍ଧାର କରିଥିଲା । ପିଲାଟିକୁ ପାଇବା ପରେ ପରିବାରରେ ଆନନ୍ଦର ଲହରୀ ଖେଳିଯାଇଛି । ଆଜି ଚକୋଲେଟ ଡେ ହୋଇଥିବାରୁ ଥାନାରେ ଟିଂଟୁଙ୍କ ପାଇଁ ସତେ ଯେପରି ଚକୋଲେଟ ଡେ ପାଳନ ହେଉଥିବା ଦେଖିବାକୁ ମିଳିଥିଲା । ସମସ୍ତ କର୍ମଚାରୀ ପିଲାଟିକୁ ଚକୋଲେଟ ଦେବା ସହ ପିଲାକୁ ପାଇ ମାତା ପିତା ଥାନାଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ଜରୁରୀ ବୈଠକ

ଭୁବନେଶ୍ୱର,୧୦।୨ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ, ୫-ଖାରବେଳ ନଗର, ଭୁବନେଶ୍ୱରଠାରେ ସଂଗଠନର ସ୍ଥାୟୀ ସଭାପତି ହୃଦାନନ୍ଦ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସଭାପତି ଓ ମହାସଚିବଙ୍କ ସହ ପୂର୍ବ ନିର୍ଦ୍ଧାରିତ ମୌଖିକ ଆଲୋଚନା ଅନୁଯାୟୀ ନିଖିଳ ଉତ୍କଳ ପ୍ରାଥମିକ ସିଟି ଶିକ୍ଷକ ସଂଘର ରାଜ୍ୟ କର୍ମକର୍ତାବୃନ୍ଦ ଓ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ରାଜ୍ୟ କର୍ମକର୍ତାବୃନ୍ଦ ଯୋଗଦାନ କରିଥିଲେ । ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ନିଖିଳ ଉତ୍କଳ ପ୍ରାଥମିକ ସିଟି ଶିକ୍ଷକ ସଂଘର ସଭାପତି ପ୍ରଦୀପ କୁମାର ସାହୁ ଘୋଷଣା କରିଥିଲେ ଯେ, ୨୦୧୪ ମସିହା କ୍ୟାଡ଼ର ରୁଲ୍ ପ୍ରଣୀତ ହେବ ପରେ ସଂଗଠନ ଉପରେ ଅସନ୍ତୋଷ ବ୍ୟକ୍ତ କରି ଗଢାଯାଇଥିବା ନୂତନ ସଂଗଠନ ୨୦୧୯ ମସିହାରେ ନୂତନ କ୍ୟାଡ଼ର ରୁଲ୍ ସଫଳତା ଆଣିଦେବା ପରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଅଦ୍ୟ ଦିବସରେ ପ୍ରାଥମିକ ଶିକ୍ଷକ ସଂଘ (ସିଟି) ସଂଘ ବ୍ଲକ ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ସଦସ୍ୟ ନିଃସର୍ତରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ ସମ୍ବିଧାନକୁ ମାନ୍ୟତା ଦେଇ ପ୍ରାଥମିକ ସଦସ୍ୟ ହୋଇ କାର୍ଯ୍ୟ କରିବେ ତଥା ଅଦ୍ୟ ଦିବସରେ ନିଖିଳ ଉତ୍କଳ ପ୍ରାଥମିକ (ସିଟି) ଶିକ୍ଷକ ସଂଘ ମୂଳ ସଂଗଠନ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ ସହ ମିଶି ଯିବାର ଘୋଷଣା କରିଥିଲେ । ଉକ୍ତ ବୈଠକରେ ମହାସଚିବ ଅମୀୟ କୁମାର ଦାଶ, ବିଜୟ କୁମାର ବିଶୋଇ, ଡି. ରାମାରାଓ, ଉପସଭାପତି ସଙ୍ଗୀତା ଦାଶ, ବିଜୟ କୁମାର ମହାନ୍ତି, ସଂଯୋଜିକା ଗୁରୁଲତା ମହାପାତ୍ର, ପ୍ରଦୀପ କୁମାର ସାହୁ, ମନୋଜ କୁମାର ସ୍ୱାଇଁ, ରମାକାନ୍ତ ମହାନ୍ତି, ସୁରେନ୍ଦ୍ର କୁଲଦୀପ, ଧୀରେନ ପଟ୍ଟନାୟକ, ରମଣୀ ରଞ୍ଜନ ତ୍ରିପାଠୀ, ମାନନ ପଣ୍ଡା, ବିମଳ ଆଚାର୍ଯ୍ୟ, ନରେନ୍ଦ୍ର ପାତ୍ର, ସୁଚିତ୍ରା ଦାସ, କମଳାକାନ୍ତ ପାଣିଗ୍ରାହୀ, ଆଶିଷ ପାଢୀ, ଦେବରାଜ ଜେନା, ବଳଭଦ୍ର ରାଉତ, ରତ୍ନାକର ନାଏକ, ବୃନ୍ଦାବନ ପାଢୀ, ସୁବାଷ ନାୟକ, ଧନେଶ୍ୱର କାଣ୍ଡି, ପ୍ରମୋଦ କୁମାର ମହାନ୍ତି, ସନ୍ତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତେ ମିଳିମିଶି କାର୍ଯ୍ୟ କଲେ ଆଗାମୀ ଦିନରେ କୌଣସି ସମସ୍ୟା ରହିବ ନାହିଁ ବୋଲି ସଭାପତି ମତବ୍ୟକ୍ତ କରିଥିଲେ ବୋଲି ମହାସଚିବ ଅମୀୟ କୁମାର ଦାଶ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# କଂଗ୍ରେସ ସୋସିଆଲ ମିଡ଼ିଆରେ ଯୋଗ ଦିଅନ୍ତୁ, ବିଜେଡ଼ି-ବିଜେପିର ମିଥ୍ୟା ପ୍ରଚାର ବିରୁଦ୍ଧରେ ସଂଗ୍ରାମ କରନ୍ତୁ : ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର,୧୦।୨ (ନି.ପ୍ର): ଆଜି ଅଖିଳ ଭାରତ କଂଗ୍ରେସ ପକ୍ଷରୁ ଆରମ୍ଭ କରାଯାଇଥିବା କଂଗ୍ରେସ ସାମାଜିକ ଗଣମାଧ୍ୟମରେ ଯୋଗଦେବା କ୍ୟାମ୍ପେନ ଆନୁଷ୍ଠନିକ ଉଦ୍‌ଘାଟନ ହୋଇସାରିଛି । ଏହି ପ୍ରରୀପ୍ରେକ୍ଷୀରେ ଓଡ଼ିଶା କଂଗ୍ରେସ ସାମାଜିକ ଗଣମାଧମ ପକ୍ଷରୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ସାମାଜିକ ଗଣମାଧମରେ ଯୋଗଦେବା, କ୍ୟାମ୍ପେନ ର ଲୋଗୋ ଉନ୍ମୋଚନ କରିବା ସହ ମୋବାଇଲ ମିସ୍ କଲ ଦ୍ୱାରା କଂଗ୍ରେସ ସାମାଜିକ ଗଣମାଧମରେ ଯୋଡ଼ି ହେବା ପାଇଁ ଦେୟ ମୁକ୍ତ ୧୮୦୦୧୨୦୦୦୦୦୪୪ ନମ୍ବରଟି ଘୋଷଣା କରି ଯୁବ, ଛାତ୍ର ଓ ମହିଳାଙ୍କୁ ଯୋଗଦେବା ପାଇଁ ଆହ୍ୱାନ କରିଥିଲେ । ସେ କହିଥିଲେ ବର୍ତମାନ ସାଧାରଣ ଗଣମାଧମ ସରକାରଙ୍କ ଦ୍ୱାରା ପ୍ରଲୋଭିତ ହୋଇ ପ୍ରକୃତ ସତ୍ୟକୁ ଲୋକଙ୍କ ସାମ୍ନାରେ ରଖୁନାହିଁ । କିନ୍ତୁ ସୋସିଆଲ ମିଡ଼ିଆ ଦ୍ୱାରା ସତ୍ୟ ସାମନାକୁ ଆସିପାରୁଛି । ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆସନ୍ତୁ ସମସ୍ତେ ସୋସିଆଲ ମିଡ଼ିଆରେ ଯୋଗଦେବା ଏବଂ ବିଜେଡ଼ି-ବିଜେପିର ମିଥ୍ୟା ପ୍ରଚାର ବିରୁଦ୍ଧରେ ସଂଗ୍ରାମ କରି ରାଜ୍ୟ ଓ ଦେଶର ପ୍ରଗତିର ବାହକ ହେବା ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଏଆଇସିସି ସୋସିଆଲ ମିଡ଼ିଆ ସଂଯୋଜକ ବିନୟ ଦୋକାନିଆ ଯୋଗ ଦେଇ କହିଥିଲେ ସାରା ଭାରତରେ ବର୍ତମାନ ଅରାଜକତା ଦେଖାଦେଉଛି । ଏନଡିଏ ସରକାର କେବଳ ବହୁ ଅର୍ଥବ୍ୟୟ କରି ପ୍ରଚାର ଦ୍ୱାରା ସାଧାରଣ ଜନତାଙ୍କୁ ଠକି ଚାଲିବା ସହ ଦେଶର ଅର୍ଥ ଓ ସଂପତିକୁ ଲୁଟି ଚାଲିଛନ୍ତି । ବର୍ତମାନ ସମୟ ଆସିଛି ସୋସିଆଲ ମିଡ଼ିଆ ଜରିଆରେ ପ୍ରକୃତ କଥା ସାମ୍ନାନକୁ ଆଣି ସାଧାରଣ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ । ଏହି କ୍ୟାମ୍ପେନ ମାଧ୍ୟମରେ ୫ଲକ୍ଷ ସ୍ୱେଚ୍ଛାସେବୀ ଏବଂ ୫୦ ହଜାର କଂଗ୍ରେସ କର୍ମୀଙ୍କୁ ସୋସିଆଲ ମିଡ଼ିଆରେ ଯୋଡ଼ିବାକୁ ଲକ୍ଷ ରଖିଛି ବୋଲି ଦୋକାନିଆ ପ୍ରକାଶ କରିଥିଲେ । ସେହିପରି ରାଜ୍ୟ ସୋସିଆଲ ମିଡ଼ିଆ ଅଧକ୍ଷ ଅଭିଶେଷ ମହାନନ୍ଦ ଯୋଗଦେଇ ୨୧ଟି ସଂସଦୀୟ କ୍ଷେତ୍ରରେ ୨୧ ହଜାର ସ୍ୱେଚ୍ଛାସେବୀ ନିୟୋଜିତ ହେବେ । ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଯିବାପରେ ସେମାନଙ୍କ ମଧ୍ୟରୁ ୨୧ଶହ ପ୍ରଶିକ୍ଷକ ବଛାଯାଇ ତାଙ୍କୁ ସୋସିଆଲ ମିଡ଼ିଆ ବିଭାଗରେ ବିଭିନ୍ନ ପଦପଦବୀରେ ରଖାଯାଇ ଦାଇତ୍ୱ ଦିଆଯିବ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ଯୋଗଦେଇ ସାରା ଦେଶରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ପ୍ରକାଶ କରିବା ସହି ସୋସିଆଲ ମିଡ଼ିଆ ଜରିଆରେ ଲୋକଙ୍କ ପାଖରେ ପଂହଚିବାକୁ ଉଦ୍ୟମ ଏକ ପ୍ରଶଂସାଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ରାଜ୍ୟ କଂଗ୍ରେସ ସାମାଜିକ ଗଣମାଧମର କର୍ମକର୍ତା ସଂସିଦା ତାଏବ, ଜୟତା ରାୟ, ଶୈଳେନ୍ଦ୍ର ଦାସ, ଦୀପକ କୁମାର ମହାପାତ୍ର, ଜଗତଜୀବନ ମହାନ୍ତି, ସୁବାଷ ନାୟକ, ମୂରଲୀଧର ନାୟକ, ଅତିଥ୍ୟ ଦିବ୍ୟସିଂହ, ମହେପର ନିଖତ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଉରକେଲା ସହରରେ ନକଲି ଟମାଟୋ, ଚିଲି ଓ ସୋୟା ସସ୍ କାରବାର ବୃଦ୍ଧି

ରାଉରକେଲା,୧୦।୨ (ନି.ପ୍ର): ରାଜ୍ୟ ବ୍ୟାପି ନକଲି ଟମାଟୋ ସସ୍, ବିଭିନ୍ନ ମସଲା, କ୍ଷୀର ଆଦି ଚାଲିଥିବା କାରବାରକୁ କଟକ, ଭୁବନେଶ୍ୱର, ବ୍ରହ୍ମପୁର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ଚଢାଉ କରି ଧରୁଥିବା ବେଳେ ରାଉରକେଲାରେ ଚାଲିଥିବା ନକଲି ଟମାଟୋ ସସ୍, ଚିଲି ସସ୍ ଓ ସୋୟା ସସ୍ କାରବାରକୁ ଧରିବା ଲାଗି ଆଜିଯାଏ ଖାଦ୍ୟ ନିରୀକ୍ଷକ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କେବେ ହେଲେ ଉଦ୍ୟମ କରିନଥିବା ବେଳେ ଏହି ସମୟରେ ମଧ ଚୁପ୍ ହୋଇ ବସିଥିବା ଅଭିଯୋଗ ହେଉଛି । ସହରର ଗୋପବନ୍ଧୁପାଲ୍ଲୀ, ମାଲଗୋଦାମ, ନାଲାରୋଡ ଓ ମୁଖ୍ୟ ବଜାର ଅଂଚଳରେ ୬ରୁ ୭ଟି ଏଭଳି କାରଖାନା ଦୀର୍ଘ ବର୍ଷ ହେଲା ଅବାଧରେ ଚାଲିବା ସହ ଏଠାରୁ ବାହାରୁ ଥିବା ନକଲି ସସ୍ ଗୁଡିକୁ କୌଣସି ବ୍ରାଣ୍ଡ ନଦେଇ ବଜାରକୁ ଛାଡି ଦିଆଯାଉଛି । ଏଗୁଡିକୁ ବିଶେଷ କରି ସହରର ବିଭିନ୍ନ ଛକରେ ଥିବା ଚାଓମିନ ଷ୍ଟଲ୍, ଫୁଡ ବଜାର ତଥା ଢାବା ଓ ଛୋଟ ଛୋଟ ହୋଟେଲରେ ବ୍ୟବହାର ହେଉଛି । ବିଶେଷ କରି ଠେଲା ଗାଡିରେ ଚାଲିଥିବା ଚାଓମିନ, ଚିଲି ବେପାରରେ ଏହି ସବୁ ନକଲି ସସ୍ ଗୁଡିକର ଅଧିକ କାରବାର ହେଉଥିବା ପରିଲକ୍ଷିତ ହେଉଛି । ନାମୀ ଦାମୀ ସସ୍ ବୋତଲ ଗୁଡିକ ତୁଳନାରେ ଏହାର ମୂଲ୍ୟ ଶସ୍ତା ହୋଇଥିବାରୁ ଏଗୁଡିକୁ ଏହି ସବୁ ବେପାରୀ ବେଶ୍ ଅଧିକ ବ୍ୟବହାର କରିଚାଲିଛନ୍ତି । ନିଜ ବ୍ୟବସାୟ ସ୍ଥଳରେ ଗୋଟାଏ ନାମୀ କମ୍ପାନୀର ସସ୍ ବୋତଲ ରଖି ଏସବୁ ବ୍ୟବହାର ଚାଲିଛି । ସହରରେ ଏଭଳି କାରବାର ଦିର୍ଘ ଦିନରୁ ଚାଲିଥିଲେ ବି ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପୁରା ଚୁପ୍ । ସେହିଭଳି ସହରରେ ଅପମିଶ୍ରିତ ସୋରିଷ ତେଲ, ରିଫାଇନ ତେଲ, ନଡିଆ ତେଲ, ବିଭିନ୍ନ ବେନାମୀ ସଂସ୍ଥାର ମସଲା ଗୁଣ୍ଡ, ଥଣ୍ଡା ପାନୀୟ, ସୋଡା ହାଉଯାଉ ହେଉଥିଲେ ବି ସ୍ୱାସ୍ଥ୍ୟ ବିଭାଗ ଏନେଇ ନୀରବ ଦ୍ରଷ୍ଟା । କଟକ କଲିକତାରୁ ନକଲି ଛେନା ଅଣାଯାଇ ଏଠାରେ ମିଠା ଦୋକାନ ଓ ବିଭନ୍ନ ଖାଇବା ହୋଟେଲକୁ ଚାଲାଣ କରୁଥିବା ଦଳ କଟକ ଧରପଗଡ ପରେ ନୀରବ ହୋଇଯାଇଥିଲେ । ବର୍ତମାନ ସେମାନେ ତାଙ୍କ କାରବାରକୁ ଗ୍ରାମାଂଚଳକୁ ବଢାଇଥିବାର ଖବର ମିଳିଛି । ସହରରେ ଫଳ ଗୁଡିକରେ କେମିକାଲ ଦିଆଯାଇ ବିକ୍ରୀ ଚାଲିଥିବା ବେଳେ କଦଳୀକୁ କେମିକାଲରେ ବୁଡାଇ ମାସ ମାସ କାଳ ରଖି ବିକ୍ରୀ କରାଯାଉଥିବା ଅଭିଯୋଗ ହେଉଛି । ଏହାଦ୍ୱାରା କଦଳୀ ର ପ୍ରକୃତ ସ୍ୱାଦ ମିଳୁ ନଥିବା ବେଳେ ଏହା ନାଲି ପଡିଯାଉଥିଲେ ବି ଟାଣ ରହୁଛି । ସେହି ଭଳି ବଜାରରେ ନାନା ପ୍ରକାର ଚକଲେଟ, ବିସ୍କୁଟ, ପିଠା, ଚଣାଚୁର ଓ ଆଇସକ୍ରିମ ଆଦି ପ୍ୟାକେଟ୍ ହୋଇ ଶସ୍ତାରେ ବିକ୍ରୀ ଚାଲିଛି । ଏଗୁଡିକ କେଉଁଠାରୁ ପ୍ରସ୍ତୁତ ହେଉଛି କିଏ କରୁଛି ତାର କୌଣସି ଲେଖା ଏସବୁ ପ୍ୟାକେଟ ଗୁଡିକରେ ରହୁ ନଥିବା ଦେଖାଯାଉଛି । ରାଉରକେଲା ସହରରେ ଖୋଦ୍ ସ୍ୱାସ୍ଥ୍ୟ ଅଧିକାରୀ ଓ ଖାଦ୍ୟ ନିରୀକ୍ଷକ ଦିର୍ଘ ବର୍ଷ ଧରି ରହିଲେଣି, ହେଲେ ସହରରେ ଚାଲିଥିବା ଏଭଳି ନକଲି କାରବାରକୁ ନେଇ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନଥିବା ଅଭିଯୋଗ ହେଉଛି । ରାଜ୍ୟ ସରକାର ଏନେଇ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଇଟାଭାଟି ଶ୍ରମିକଙ୍କ ଘରେ ଅଗ୍ନିକାଣ୍ଡ, ୧୬ ବଖରା ଭସ୍ମିଭୂତ

କୋରେଇ,୧୦।୨ (ନି.ପ୍ର): ପଥରପଦା ପଂଚାୟତର ପଥରପଦା ମୌଜାରେ ଥିବା ସନ୍ତୋଷ କୁମାର ବେହେରାଙ୍କ ମା ତାରିଣୀ ବ୍ରିକସ ଚିମିନିଭାଟିର ଲେବର କଲୋନିରେ ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗିଥିଲା । ଏହା ଗୋଟିଏ ପଟରୁ ଲାଗିବା ଆରମ୍ଭ କରିବାରୁ ପ୍ରଥମ ଘରେ ଥିବା ଲୋକ ଉଠି ଅନ୍ୟମାନଙ୍କୁ ସୂଚନା ଦେଇଥିଲା । ଫଳରେ ଶ୍ରମିକ ମାନେ ସେମାନଙ୍କ ଆସବାସ ପତ୍ର ସହ ବାହାରକୁ ପଳାଇ ଆସିଥିଲେ । ସେମାନ ବାହାରିବାର ମାତ୍ର କେଇ ମିନିଟ ମଧ୍ୟରେ ସମଗ୍ର ୧୬ ବଖରାକୁ ନିଆଁ ବ୍ୟାପି ଯାଇଥିଲା । ଖବରପାଇ ଯାଜପୁରରୋଡ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ । ସକାଳୁ ଶ୍ରମିକ ମାନଙ୍କ ପାଇଁ ଅସ୍ଥାୟୀ ଗୃହ ଓ ଖାଦ୍ୟର ବନ୍ଦୋବସ୍ତ ସମ୍ପୃକ୍ତ ସଂସ୍ଥା ପକ୍ଷରୁ କରାଯାଛି ।

# ତାଳଚେର-ବିମଳାଗଡ଼ ରେଳପଥ ପ୍ରତି ଅବହେଳା : ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ

ରାଉରକେଲା,୧୦।୨ (ନି.ପ୍ର): ତାଳଚେର ବିମଳାଗଡ ରେଳପଥ ଲାଗି ସରକାରଙ୍କ ଅବହେଳା ଲାଗି ଏହାର ପ୍ରତିବାଦରେ ଆନ୍ଦୋଳନ କରାଜିବାକୁ ସଂଗ୍ରାମ କମିଟୀ ପ୍ରସ୍ତୁତ ହେଉଥିବା ପ୍ରକାଶ କରିଛି । କମିଟୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ଚଳିତ ବର୍ଷ ବଜେଟରେ, ତାଳଚେର-ବିମଳାଗଡ ରେଳପଥ ପାଇଁ, ହାସ୍ୟାସ୍ପଦ ଦଶ କୋଟି ଅର୍ଥ ବ୍ୟୟ ବରାଦ କରାଯାଇଛି । ଏଥି ପ୍ରତି ରାଉରକେଲାବାସୀ ଘୋର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତିର ନିରନ୍ତର ଚେଷ୍ଟାରେ ଏବଂ ଓଡିଶା ହାଇକୋର୍ଟରେ, ପି.ଆଇ.ଏଲ ଫାଇଲ କରିବା ପରେ, ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳମାନଙ୍କୁ ତୁରନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି । ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା, ସମସ୍ତ ଆବଶ୍ୟକୀୟ ଜମି ରେଳବାଇକୁ ଯୋଗାଇ ଦେବାକୁ, ଜିଲ୍ଲା ଅଧିକାରୀମାନେ ଆଶା ପୋଷଣ କରିଛନ୍ତି । ପରବର୍ତୀ ପଦକ୍ଷେପ ପାଇଁ ଗତକାଲି, ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତିର ଷ୍ଟିଅରିଂ କମିଟିର ବୈଠକ, ରାଉରକେଲା ପ୍ରେସ କ୍ଲବଠାରେ ଏହାର ସଭାପତି ଅଦ୍ୱୈତ ପ୍ରସାଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏ ସମ୍ପର୍କରେ ବିଶଦ୍ ଆଲୋଚନା କାଳରେ, ସମସ୍ତ ସଦସ୍ୟ ଆନ୍ଦୋଳନ ଛଡା ଅନ୍ୟ ଉପାୟ ନାହିଁ ବୋଲି ଏକମତ ହୋଇଥିଲେ । ତେବେ ଏହା ପୂର୍ବରୁ ଚଳିତ ମାସ ୧୬ ତାରିଖରେ, ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ ଥିବାରୁ, ତାଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇ, ଏହି ରେଳପଥ ପାଇଁ ଅଧିକ ଟଙ୍କା ବ୍ୟୟ ବରାଦ ନିମନ୍ତେ ଦାବି କରିବାକୁ ଏବଂ ଓଡିଶାର ସାଂସଦମାନେ କିପରି ରେଳବାଇ ମନ୍ତ୍ରୀଙ୍କୁ ଭେଟି, ସଂସଦରେ ଅଧିକ ଟଙ୍କା ଦାବି କରିବେ ସେଥିପାଇଁ, ଅନୁରୋଧ କରାଯିବ । ଏହା ଛଡା ଚଳିତ ମାସ ୨୪ ତାରିଖରେ, ରେଳବାଇ ଡିଭିଜନର ବହୁ ରେଳ ବିଭାଗ କର୍ମକର୍ତା ଓ ବହୁ ସାଂସଦ ଓ ବିଧାୟକ ଏଥିରେ ଯୋଗ ଦେବାକୁ ଆସୁଥିବାରୁ, ସେମାନଙ୍କୁ ସ୍ମାରକପତ୍ର ଦେଇ ଏହି ରେଳପଥର ଗୁରୁତ୍ୱ ବୁଝାଇ, ଏଥିପାଇଁ କିପରି ଅଧିକ ଅର୍ଥ ମିଳିବ ଓ ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ବିକାଶ ଯୋଜନା ଅନ୍ତର୍ଭୁକ୍ତ ଥିବାରୁ, ସେଥିପାଇଁ ଚେଷ୍ଟା କରିବାକୁ ନିବେଦନ କରାଯିବ । ଚଳିତ ବର୍ଷ ମାତ୍ର ଦଶ କୋଟି ଟଙ୍କା ଦେଇ ଯେପରି ଉପହାସ କରାଯାଇଛି, ସେଥିପାଇଁ ପରବର୍ତି ପଦକ୍ଷେପ କ'ଣ ନିଆଯିବା ଉଚିତ୍, ତାହା ଉପରେ ଆଲୋଚନା କରିବାକୁ ସ୍ଥିର କରାଯାଇଛି । ଏଥିପାଇଁ ଚଳିତ ମାସ ୧୪ ତାରିଖ ଦିନ ୧୧ଟା ସମୟରେ, ଭଞ୍ଜଭବନସ୍ଥ ଆଦର୍ଶ ସଭା ଗୃହରେ ଏକ ମିଳିତ ସଭା କରିବାକୁ ସ୍ଥିର କରାଯାଇଛି । ସେଥିପାଇଁ ସମସ୍ତ ରାଜନୈତିକ ଦଳ, ଶ୍ରମିକ ସଂଗଠନ, ସାମାଜିକ, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ନିମନ୍ତ୍ରଣ କରି, ପରବର୍ତି ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଛି । ଏହି ସଭାରେ ସଂଗ୍ରାମ ସମିତିର ସଭାପତି ଶ୍ରୀ ଅଦ୍ୱୈତ ପ୍ରସାଦ ବିଶ୍ୱାଳ, ହରିହର ରାଉତରାୟ, ବିଷ୍ଣୁ ମହାନ୍ତି, ବିମଳ ବିଶି, ରମେଶ ବଳ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରମୋଦ ସାମଲ, ସୁଧୀର ସୁନ୍ଦରରାୟ ପ୍ରମୁଖ ଭାଗନେଇ ନିଜର ମତାମତ ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

# ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୩ୟ ପର୍ଯ୍ୟାୟ କରୋନା ଟିକା ପ୍ରଦାନ

ଧର୍ମଶାଳା,୧୦।୨ (ନି.ପ୍ର): ଯାଜପୁର ଜିଲା ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆଜି ୩ୟ ପର୍ଯ୍ୟାୟ କରୋନା ଟୀକା ପ୍ରଦାନ କରାଯାଇଛି । ବ୍ଲକ,ମେଡିକାଲ ଓ ଥାନାର କରୋନା ଯୋଦ୍ଧା ମାନଙ୍କୁ ଏହି ଟୀକା ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୩ଟି ଟିମ ଗଠନ କରାଯାଇ ବ୍ଲକରେ ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ସମେତ କେତେକ ସରପଂଚ ଓ ସମିତିସଭ୍ୟଙ୍କ ସମେତ ୧୩୨, ଥାନାରେ ବଡଚଣା ଥାନାଧିକାରୀ ପ୍ରୀୟବ୍ରତ ରାଉତ, ଜ୍ୟୋତିପ୍ରକାଶ ମହାପାତ୍ର, ସୁସିଲ ନାୟକ,ନନ୍ଦକିଶୋର ଦାସ,୧୩୩,ମେଡିକାଲରେ ୬୦ଜଣଙ୍କୁ ଟୀକା ପ୍ରଦାନ କରାଯାଇଥିବା ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁ ପ୍ରକାଶ କରିଛନ୍ତି ।

## ଝରାଫୁଲଙ୍କ ଭିସେରା ରିପୋର୍ଟ ଯାଜପୁର ପୋଲିସ୍‌କୁ ମିଳିଲା

ଭୁବନେଶ୍ୱର,୧୦।୦୨ (ନି.ପ୍ର): ଝରାଫୁଲଙ୍କ ଭିସେରା ରିପୋର୍ଟ ଯାଜପୁର ପୋଲିସ୍‌କୁ ମିଳିଛି । ଏହାକୁ ନେଇ ପୋଲିସ୍ ତର୍ଜମା କରୁଛି । ତେଣୁ ଖୁବ୍ ଶୀଘ୍ର ଝରାଫୁଲଙ୍କ ମୃତ୍ୟୁ ରହସ୍ୟର ଖୁଲାସା ହେବାର ସମ୍ଭାବନା ରହିଛି । ଉଲ୍ଲେଖନୀୟ ଯେ ବହୁ ଚର୍ଚ୍ଚିତ ଝରାଫୁଲ ମୃତ୍ୟୁ ଘଟଣାରେ ଫେବୃଆରୀ ୪ରେ ଭୁବନେଶ୍ୱର ସୁନ୍ଦରପଦା ନିକଟରୁ ପୋଲିସ୍ ରାକେଶଙ୍କର ସ୍କୁଟର ଜବତ କରିଥିଲା । ଏହା ପରଦିନ ଅର୍ଥାତ୍ ଫେବୃଆରୀ ୫ରେ ରାକେଶ ପିନ୍ଧିଥିବା ପ୍ୟାଂଟ ,ଶର୍ଟକୁ ପୋଲିସ୍ ଜବତ କରିଥିଲା । ଝରାଫୁଲଙ୍କ ମୃତ୍ୟୁ ଦିନ ଏହି ପ୍ୟାଂଟ, ଶର୍ଟକୁ ରାକେଶ ପିନ୍ଧିଥିଲେ ବୋଲି ଜଣାପଡ଼ିଛି । ଏହାସହ ସେଦିନ ରାକେଶ ଧରିଥିବା ମୋବାଇଲକୁ ମଧ ପୋଲିସ ଜବତ କରିଥିଲା ।

### କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୧୭ ଗିରଫ

ଭୁବନେଶ୍ୱର,୧୦।୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୧୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୭୪,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ସାମ୍ନାକୁ ଆସିଲା ଜଳେଶ୍ୱର ବ୍ଲକର ଆବାସ ଦୁର୍ନୀତି ମହାଘୋଟାଲା

ଜଳେଶ୍ୱର,୧୦।୦୨ (ନି.ପ୍ର): ବିଭିନ୍ନ ସମୟରେ ଜଳେଶ୍ୱର ବ୍ଲକରେ ଆବାସ ଯୋଜନାରେ ଘୋଟାଲା ହେଉଥିବା ସଂପର୍କରେ ଅଭିଯୋଗ ହେଉଥିଲେ ମଧ୍ୟ ଏହାର ପ୍ରତିକାର ହେଉନାହିଁ । ସରକାରଙ୍କ ଯୋଜନା ସାଧାରଣ ଜନତାଙ୍କ ପାଖରେ ସାତସପନ । ବାଟମାରଣାରେ ବହୁ ସରକାରୀ କର୍ମଚାରୀ ସଂପୃକ୍ତ ଥିବାରୁ ଯୋଜନାର ସଫଳ ରୂପାୟନ ହୋଇ ପାରୁନାହିଁ । ଏପରି ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ଅଧିନ ଝାଡପିମ୍ପଳ ପଂଚାୟତର ଶଂକର ଦଣ୍ଡପାଟଙ୍କ କ୍ଷେତ୍ରରେ । ତାଙ୍କୁ ଆଇଡି ନଂ ୧୫୫୧୩୨୪ ମୂଳେ ୨୦୧୯ରେ ଏକ ଆବାସ ଯୋଜନାରେ ଘର ମିଳିଥିଲା । ଅସହାୟ ଶଂକର ଦଣ୍ଡପାଟ ଜଣେ ଅଶିକ୍ଷିତ ହୋଇଥିବାରୁ ଚଞ୍ଚକତା କରି ପଂଚାୟତର ଭିଏଲଡବ୍ଲୁ ଶୁଶାନ୍ତ କୁମାର ଜେନା, ଜିଆର୍‌ଏସ୍ ପ୍ରଦୀପ୍ତ କିଶୋର ପ୍ରଧାନ ଓ ଗ୍ରାମର ଅନ୍ୟଜଣେ ସଂଜୟ କୁମାର ଗିରି ପ୍ରମୁଖ ତାଙ୍କ ଏକାଉଣ୍ଟରୁ ତିନିକିସ୍ତିରେ ୯୦ହଜାର ଟଙ୍କା ଉଠାଇ ଆତ୍ମସାତ କରିଥିଲେ । ତାଙ୍କ ଆବସ ଘର କୌଣସି ମୂଳଦୁଆ ପଡିନଥିଲେ ମଧ୍ୟ ସରକାରୀ ଖାତାରେ ସଂପୂର୍ଣ୍ଣ ଘର ଦର୍ଶାଯାଇଛି । ଏ ସଂପର୍କରେ ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲେ ମଧ୍ୟ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେଇନଥିବାରୁ ଶେଷରେ ଶଂକର ଦଣ୍ଡପାଟ ଦମ୍ପତି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହା ଦେଖି ତରବାରଆଭାବେ ଗତ ଫେବୃଆରୀ ୩ ତାରିଖରେ ପଂଚାୟତର ଭିଏଲଡବ୍ଲୁ ଶୁଶାନ୍ତ କୁମାର ଜେନା ମିସେଲିନିଆସ୍ ରିସିପ୍ଟ ନଂ ୩୪୭୩ ମୂଳେ ୯୦ ହଜାର ଟଙ୍କା ପଂଚାୟତ ସମିତି ଏକାଉଣ୍ଟରେ ପୈଠ କରିଛନ୍ତି । ସେହିପରି କିଛିଦିନ ପୂର୍ବରୁ ସୁଗୋ ପଂଚାୟତରେ ଭତ୍ତା ଟଙ୍କା ଆତ୍ମସାତ କରିଥିବା ଅଧିକାରୀ ଟଙ୍କା ଫେରସ୍ତ କରିଥିବାରୁ ଜଳେଶ୍ୱର ବ୍ଲକରେ ହେଉଥିବା ମହାଦୁର୍ନିତୀର ପର୍ଦ୍ଦାଫାସ ହେବାକୁ ଲାଗିଛି । ଏପରି ବହୁ ଘଟଣା ବିଭିନ୍ନ ପଂଚାୟତରେ ହେଉଥିଲେ ମଧ୍ୟ ତାହା ଦୃଷ୍ଟିଗୋଚର ହେଉନାହିଁ । ଏ ସଂର୍ପକରେ ଅଧିକ ତଦନ୍ତ କଲେ ପଂଚାୟତର ବହୁ ଅଧିକାରୀ ଓ କର୍ମଚାରୀ ଙ୍କ କଳାକାରନାମା ପର୍ଦ୍ଦାଫାସ ହେବ ବୋଲି ବୁଦ୍ଧିଜିମୀମାନେ କହିଛନ୍ତି ।

## ଶ୍ରୀ ଜଗନ୍ନାଥ ସମବାୟ ସମିତି ତରଫରୁ ଦୁର୍ଘଟଣା ବୀମାରାଶି ପ୍ରଦାନ



ଧାମନଗର,୧୦।୦୨ (ନି.ପ୍ର): ଋଷୀ ମାନଙ୍କୁ ସମବାୟ ସମିତି ମାଧମରେ ଋଣ ପ୍ରଦାନ ସହ ଦୁର୍ଘଟଣାରେ ମୃତ୍ୟୁ ଜନିତ କ୍ଷତିପୁରଣ ପ୍ରଦାନପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାନ କରିଛନ୍ତି । ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ସ୍ଥିତ ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତିର ଜନୈକ ଋଣି ଋଷୀ ପଳିକିରୀ ଗ୍ରାମର ରବିନ୍ଦ୍ର ଦାସଙ୍କ ଦୁର୍ଘଟଣା ଜନିତ ମୃତ୍ୟୁରେ ତାଙ୍କ ଧର୍ମପତ୍ନୀ ଶ୍ୱେତଲତା ଦାସଙ୍କୁ ସମବାୟ ସମିତି ତରଫରୁ ତାଙ୍କ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନାରେ ୫ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି । ବୁଧବାର ପୂର୍ବାହ୍ନରେ ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଧାମନଗର ଶାଖା ପରିସରରେ ଏହି ବୀମା ରାଶି ଶ୍ୱେତଲତା ଦାସଙ୍କୁ ପ୍ରଦାନ କରାଯାଇଥିଲା । ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରଘୁନାଥ ଲେଙ୍କା, ଶାଖା ପରିଚ୍ଛେଳକ ବିଚିତ୍ରାନନ୍ଦ ସାହୁ, ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତିର ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ପରିଚ୍ଛେଳନା ପରିଷଦର ପୂର୍ବତନ ନିର୍ଦ୍ଦେଶକ ତଥା ସାମ୍ବାଦିକ ସୁଧାକର ଦାଶ, ସ୍ୱର୍ଗତ ଦାସଙ୍କ ବନ୍ଧୁ ପ୍ରମୁଖ ଉପସ୍ଥିତ ରହି ଏହି ବୀମା ରାଶି ପ୍ରଦାନ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ତିନିଗୋଟି ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୦।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ନବୀନ ନିବାସରେ ତିନିଗୋଟି ପୁସ୍ତକ ଲୋକାର୍ପଣ କରିଛନ୍ତି । ଏଥିମଧ୍ୟରେ ରହିଛି ସହକାରୀ ଆୟକର ଆୟୁକ୍ତ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ଦୁଇଟି କବିତା ସଂକଳନ 'ସଜ ତୁଳସୀ' ଓ' ଅସଜଡା ପାଖୁଡା' । ଏହି ଦୁଇଟି କବିତା ସଂକଳନରେ କବିସଂଚାର ମୌଳିକତା ଅତି ସୁନ୍ଦର ଭାବରେ ପ୍ରସ୍ଫୁଟିତ ହୋଇପାରିଛି । ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅଧ୍ୟାପିକା ଇପ୍‌ସିତା ଷଡଙ୍ଗୀଙ୍କ ଦ୍ୱାରା ଓଡିଆରେ ଅନୁବାଦିତ ତଥା ଅନନ୍ତିନୀ ଝୁମ୍ପା ମିଶ୍ରଙ୍କ ମୂଳ ଇଂରାଜୀ ରଚନା 'ମ୍ୟାନ ହଟ୍ଟନରୁ ମୁନ୍ନାର' ଉପନ୍ୟାସଟିକୁ ମଧ ଲୋକାର୍ପଣ କରିଥିଲେ ।ଅନନ୍ତିନୀ ଝୁମ୍ପା ମିଶ୍ର ଜଣେ ପ୍ରତିଭାସମ୍ପନ୍ନ ଶିଶୁ ଲେଖିକା । ଅଳ୍ପ ବୟସରେ ଅନେକ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି କରି ସେ ପ୍ରଶଂସିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କବି ଦୁର୍ଗାପ୍ରସାଦ ମହାପାତ୍ର ଓ ଅନନ୍ତିନୀ ଝୁମ୍ପା ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## କୁମ୍ଭମେଳା ଯାତ୍ରୀଙ୍କ ପାଇଁ ମାର୍ଗଦର୍ଶିକା ଜାରି କଲେ ଭାରତ ସରକାର

ଭୁବନେଶ୍ୱର,୧୦।୦୨ (ନି.ପ୍ର): ଉତରାଖଣ୍ଡ ରାଜ୍ୟର ହରିଦ୍ୱାରଠାରେ ଚଳିତ ବର୍ଷ ଆପାତତଃ ଫେବୃୟାରୀ ୨୭ରୁ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି । ସାଂପ୍ରତିକ କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ମେଳାକୁ ଆସିବାକୁ ଥିବା ସମସ୍ତ ରାଜ୍ୟର ଯାତ୍ରୀମାନଙ୍କ ନିମନ୍ତେ ମାର୍ଗ ଦର୍ଶିକା ଜାରି କରାଯାଇଛି । ଏ ସଂପର୍କରେ ଭାରତ ସରକାରଙ୍କ ମାର୍ଗଦର୍ଶିକାଙ୍କୁ ଆଧାର କରି ଉତରାଖଣ୍ଡ ରାଜ୍ୟ ସରକାର, ଓଡିଶା ରାଜ୍ୟ ସରକାରଙ୍କୁ ଦେଇଥିବା ପତ୍ରରେ ସବିଶେଷ ଗାଇଡ୍‌ଲାଇନ୍ ଉଲ୍ଲେଖ କରିଛନ୍ତି । ମାର୍ଗ ଦର୍ଶିକା ଅନୁସାରେ କୁମ୍ଭମେଳାରେ ୬୫ ବର୍ଷରୁ ଉର୍ଦ୍ଧ୍ୱ,୧୦ ବର୍ଷରୁ କମ୍ ପିଲା, ମଧୁମେୟ, ଉଚ୍ଚ ରକ୍ତଚାପ, ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ରହିଥିବା ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନଙ୍କୁ କୁମ୍ଭମେଳା ଦର୍ଶନ ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି । ସମସ୍ତ ଦର୍ଶନାର୍ଥୀ ବା ତୀର୍ଥଯାତ୍ରୀମାନେ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ନିଜ ନିଜର ସ୍ୱାସ୍ଥ୍ୟ ପ୍ରମାଣପତ୍ର ପ୍ରଦାନ କରିବା ବାଧ୍ୟତା ମୂଳକ କରାଯାଇଛି । ସେମାନେ କୁମ୍ଭମେଳାରେ ପ୍ରବେଶ ସମୟରେ ୭୨ ଘଣ୍ଟା ମଧ୍ୟରେ କୋଭିଡ୍-୧୯ ନେଗେଟିଭ୍ ରହିଥିବା ଆର୍-ଟି-ପିସିଆର ପରୀକ୍ଷା ରିପୋର୍ଟ ନିର୍ଦ୍ଧାରିତ ଫର୍ମାଟରେ ଦାଖଲ କରିବେ । କୁମ୍ଭମେଳାକୁ ଆସିବା ପୂର୍ବରୁ ସେମାନେ ଉତରାଖଣ୍ଡ ସରକାରଙ୍କ ପୋର୍ଟାଲରେ ନାମ ପଂଜୀକରଣ କରାଇବା ବାଧ୍ୟତାମୂଳକ ହେବ ଓ ସବୁ ସମୟରେ ସେମାନେ ଆରୋଗ୍ୟ ସେତୁ ଆପ୍ ବ୍ୟବହାର କରିବେ ।

# ଭାରତୀୟ ପୂର୍ବତନ ସୈନିକ ସଂଘର କର୍ମକର୍ତ୍ତା ଚୟନ ୨୧ରେ



ବାଲେଶ୍ୱର,୧୦।୦୨ (ନି.ପ୍ର): ଭାରତୀୟ ପୂର୍ବତନ ସୈନିକ ସଂଘ ବାଲେଶ୍ୱର ଶାଖାର ଉପାଧ୍ୟକ୍ଷ ଅନନ୍ତ ଚରଣ ଦାସଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ଆନନ୍ଦ ବରାଳ ସୈନିକ ବୈଠକର ଆଭିମୁଖ୍ୟ ଓ ସଂଗଠନର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରିଥିଲେ । ଅବସରପ୍ରାପ୍ତ ସୈନିକମାନଙ୍କୁ ଥଇଥାନ କରିବା ସଙ୍ଗେସଙ୍ଗେ ପେନସନ ଓ କ୍ୟାଣ୍ଟିନ ସୁବିଧା ପ୍ରଦାନ ସହ ଜିଲା ସୈନିକ ବୋର୍ଡ଼ ସମ୍ବନ୍ଧୀୟ ସମସ୍ୟା ସମାଧାନ କରିବା ସଂଗଠନର ଉଦ୍ଦେଶ୍ୟ ବୋଲି ସେ କହିଥିଲେ । କରୋନା ସମୟରେ ଗଲବାନ ଘାଟିରେ ଭାରତ-ଚୀନ ମୁହାଁମୁହିଁ ଯୁଦ୍ଧରେ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏବଂ ସୈନ୍ୟମାନଙ୍କର ମନୋବଳ ବୃଦ୍ଧିପାଇଁ ସଂଘକାର୍ଯ୍ୟ ଜାରି ରଖିବା ଓ ପ୍ରଶାସନକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଏକ ଟିମ ଗଠନ କରାଯାଇଥିଲା । ସୈନିକ ବୋର୍ଡ଼ରେ ସେକ୍ରେଟାରୀ ନଥିବା ଯୋଗୁଁ ସୈନିକମାନେ ହଇରାଣ ହରକତ ହେଉଥିଲେ । ସଂଘ ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ କରିଥିଲେ । କରୋନା କାଳରେ ସୈନିକ ବୋର୍ଡ଼ ବନ୍ଦ ରହିବା ଏବଂ ପରବର୍ତ୍ତୀ ସମୟରେ କିରାଣୀର ଅବସର ଯୋଗୁଁ ସୈନିକମାନେ ବହ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ମାତ୍ର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ପରେ ବାଲେଶ୍ୱର ଜିଲାପାଳ ଏଠାରେ ଜଣେ କିରାଣୀ ଏବଂ ଜଣେ ଦକ୍ଷ ଅଫିସରଙ୍କୁ ସୈନିକ ବୋର୍ଡ଼ର କାର୍ଯ୍ୟଭାର ଦେଇଛନ୍ତି । ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଆସନ୍ତା ୨୧ ତାରିଖରେ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# ବାଲେଶ୍ୱରରେ ସାମୂହିକ ଫାଇଲେରିଆ ଔଷଧ ସେବନର ଶୁଭାରମ୍ଭ



ବାଲେଶ୍ୱର,୧୦।୦୨ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁସାରେ ଜିଲାର ସାମୂହିକ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର ଶୁଭାରମ୍ଭ ହୋଇଯାଇଛି । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରଥମେ 'ଡିଇସି'ଏବଂ 'ଆଲବେଣ୍ଡାଜୋଲ'ର ଗୋଟିଏ ମାତ୍ରା ସେବନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲାର ସମସ୍ତ ପୌରାଞ୍ଚଳ ଏବଂ ବ୍ଲକରେ ଫେବୃଆରୀ ୧୯ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । କେବଳ ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଅତ୍ୟନ୍ତ ଅସୁସ୍ଥ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିବେ । ଫାଇଲେରିଆ ନିରାକରଣ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ହୋଇଥିବା ବେଳେ ଜିଲ୍ଲାବାସୀ ଏହି ଔଷଧ ନିଶ୍ଚିତ ସେବନ କରିବେ ବୋଲି ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଆଶା ପ୍ରକାଶ କରିଥିଲେ । ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ, ଡିଏମଓ ଡା. ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡା. ଶଶାଙ୍କ ଶେଖର ଚୌଧୁରୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ପରେଶ ଚନ୍ଦ୍ର ନନ୍ଦୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଟିବି) ଡା. ରଞ୍ଜନ କୁମାର ନାୟକ, ଡା.ଅରୁନ ଶିବନ, ଡିପିଏମ ଅନୀଲ କୁମାର ମହାନ୍ତି, ଅତିରିକ୍ତ ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ରମଣୀକାନ୍ତ ଭଞ୍ଜ, ଜିଲା ବାହକ ବାହିତ ରୋଗ ପରାମର୍ଶଦାତା ଆଲୋକ କୁମାର ପତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଔଷଧ ସେବନ ସହ ଅନ୍ୟମାନଙ୍କୁ ଏହି ଔଷଧ ସେବନ ପାଇଁ ପରାମର୍ଶ ଦେଇଥିଲେ । ଏନେଇ ସାମୟିକ ଭାବେ ନିଯୁକ୍ତ ହୋଇଥିବା୫୧୮୦ଜଣ ଆଶା, ଅଙ୍ଗନୱାଡି ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ସାମୂହିକ ଔଷଧ ସେବନ କାର୍ଯ୍ୟକୁ ସମ୍ପାଦନା କରିବେ ।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସେଲଫ୍ ଫାଇନାନସିଂ ପି.ଜି. ବିଷୟ ଗୁଡିକରେ ଅଫ୍ ଲାଇନ ସ୍ପଟ ଆଡମିସନ ନିମନ୍ତେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗକୁ ପ୍ରସ୍ତାବ

ବାରିପଦା,୧୦।୦୨ (ନି.ପ୍ର): ରାଜ୍ୟସାରାରେ ପି.ଜି. ନାମଲେଖା ଶେଷ ପର୍ଯ୍ୟାୟରେ ପହଁଚିଛି କିନ୍ତୁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ସେଲଫ୍ ଫାଇନାନସିଂ ପି.ଜି. ବିଭାଗ ଗୁଡିକରେ ପ୍ରାୟ ସିଟ୍‌ରେ ପିଲାମାନେ ନାମ ଲେଖାଇ ନାହାନ୍ତି । ମହାମାରୀ କରୋନା -୧୯ ଯୋଗୁଁ ୨୦୨୦ ମସିହାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ତା ଛଡା କେତେକ ଛାତ୍ରଛାତ୍ରୀ ଜେ.ଇ. ପରୀକ୍ଷା ଦେଇଥିବାରୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା କରାଯାଇଥିବା ପି.ଜି. ପ୍ରବେଶିକା ପରୀକ୍ଷା ଦେଇ ନାହାନ୍ତି । କିନ୍ତୁ ଜେ.ଇ. ଦେଇଥିବା ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ଏମ.ବି.ଏ. ବିଭାଗରେ ନାମ ଲେଖାଇ ପାରୁନାହାନ୍ତି । ଗୋଟିଏ ପଟେ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟରେ ପାଠ ପଢାରୁ ବଞ୍ଚିତ ହେଉଥିବା ବେଳେ ଅଧିକ ସିଟ୍ ଖାଲି ରହିଲେ ବିଶ୍ୱବିଦ୍ୟାଳୟ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବ ବୋଲି ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ କହିଛନ୍ତି । ରାଜ୍ୟରେ ଭଦ୍ରକ ସ୍ୱୟଂ ଶାସିତ କଲେଜ ଏବଂ ଅନ୍ୟ କେତେକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଅଫଲାଇନ ସେଲଫ୍ ଫାଇନାନସିଂ ପି.ଜି.ରେ ସ୍ପଟ ଆଡମିସନ ନିମନ୍ତେ ସୁଯୋଗ ପାଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ଏଥିରୁ ବଞ୍ଚିତ କରିବା ଠିକ୍ ନୁହେଁ । ତେଣୁ ରାଜ୍ୟ ସରକାର ତୁରନ୍ତ ସେଲଫ୍ ଫାଇନାନସିଂ ପି.ଜି. ବିଭାଗରେ ଅଫ୍ ଲାଇନ ଆଡମିସନ ନିମନ୍ତେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟକୁ ସୁଯୋଗ ଦେବାକୁ ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବଙ୍କୁ ପତ୍ର ଲେଖିବା ସହ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୋବାଇଲରେ ମିଳିବ ....

ନବୀକରଣ କିମ୍ବା ମାଲିକାନା ପରିବର୍ତନ ବି ଅନଲାଇନ୍ ରେ ହୋଇପାରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯାନବାହାନ ସେବା ପାଇଁ ରାଜ୍ୟର ଯେକୌଣସି ପରିବହନ କାର୍ଯ୍ୟାଳୟ ବାଛିବା ସ୍ୱାଧୀନତା ହଜାର ହଜାର ଲୋକଙ୍କ ପାଇଁ ଏକ ପ୍ରକାର ମୁକ୍ତି ହେବ । ପରିବହନ କାର୍ଯ୍ୟାଳୟ ସାମ୍ନାରେ ଲମ୍ବା ଧାଡି ଶୀଘ୍ର ଇତିହାସ ହୋଇଯିବ । ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ମୋବାଇଲ ଆପ୍ ଜାରି କରିଛି । ଏହି ଆପ୍ ମଧ ଜାତୀୟ ଇ-ଗଭର୍ଣ୍ଣାନ୍ସ ଡିଭିଜନର ମୋବାଇଲ୍ ଆପ୍ ପ୍ଲାଟଫର୍ମ 'ଉମଙ୍ଗ'ରେ ଉପଲବ୍ଧ ହେବ । ଏଭଳି ପଦକ୍ଷେପ ଯୋଗୁ ଲୋକଙ୍କ ମଧରେ ବଡ଼ ଆଶା ସଂଚାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପରିବହନ ବିଭାଗର ସେବା ବିଷୟରେ ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ ରାଜ୍ୟରେ ପରିବହନ ସେବା ଜନକେନ୍ଦ୍ରିତ କରାଯାଇଛି । ପରିବହନ କ୍ଷେତ୍ରରେ ପେପରଲେସ୍ ଓ ତତକ୍ଷଣାତ୍ ସେବା ଯୋଗାଇବାରେ ଓଡିଶା ବର୍ତମାନ ଏକ ଅଗ୍ରଣୀ ରାଜ୍ୟ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ (୫- ଟି) ସଚିବ ଭି କେ ପାଣ୍ଡିଆନ୍ କାର୍ଯ୍ୟକ୍ରମକୁ ପରିଚାଳନା କରି କହିଥିଲେ ମୋ ସରକାର ମାଧ୍ୟମରେ ଲୋକଙ୍କ ଠାରୁ ନିଆଯାଇଥିବା ମତାମତରୁ ପରିବହନ କାର୍ଯ୍ୟାଳୟରେ ଘଟୁଥିବା ପରିବର୍ତନକୁ ସେମାନେ ପ୍ରଶଂସା କରୁଥିବା ଜଣାପଡିଛି । ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ଏବଂ ପରିବହନ କମିଶନର ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଓଡ଼ିଶାରେ ଆସିବ....

ବିଭାଜନକୁ ରଦ୍ଦ କରିବା ଅର୍ଥାତ୍ ଗୋଟିଏ ରାଜ୍ୟ ଗୋଟିଏ ବଜାର, ସମଗ୍ର ରାଜ୍ୟକୁ ଏକ ଏନଫ୍ଲୋର୍ସମେଂଟ ଏରିଆ ଭାବେ ଘୋଷଣା କରିବା, ଉନ୍ନତ ବଜାର ପାଇଁ ଗୋଦାମ କିମ୍ବା ଶୀତଳ ଭଣ୍ଡାରକୁ ସଂଗଠିତ କରିବା, ଇ-ବାଣିଜ୍ୟକୁ ପ୍ରୋତ୍ସାହିତ କରାଯିବ, ଏକକ ପଏଂଟରେ ବଜାର ଶୁଳ୍କ ଆଦାୟ, ରାଜ୍ୟବ୍ୟାପୀ ଏକକ ବାଣିଜ୍ୟ ଲାଇସେନ୍ସ ପ୍ରଦାନ, ରାଜ୍ୟ ବଜାର କମିଟିର ଉନ୍ନତ ପରିଚାଳନା ପାଇଁ କୃଷି ମାର୍କେଟିଂ ସେବା ଗଠନ ସେପଟେ ଏମଏସପି ବା ସର୍ବନିମ୍ନ ସହାୟକ ମୂଲ୍ୟକୁ ଦୁଇଗୁଣା କରିବା ସହ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରକୁ ଅନୁରୋଧ କରାଯିବ । ରାଜ୍ୟ କ୍ୟାବିନେଟରେ ପୁଣିଥରେ ଏହି ନିଷ୍ପତି ନିଆଯାଇଛି ।

## ଶ୍ରୀମନ୍ଦିର ଖୋଲିବା ନେଇ ...

ମନ୍ଦିର ଭିତରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କୌଣସି ଭକ୍ତଙ୍କ ହାତରେ ପଲିଥିନ ଥିବା ଦେଖିଲେ ତାଙ୍କୁ ୧୦୦ ଟଙ୍କା ଜୋରିମାନା କରାଯିବ । ମନ୍ଦିର ଭିତରେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସ୍ଥାନରେ ଭକ୍ତ ମାନେ ଠାକୁରଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିପାରିବେ । ଏହା ସହ ଆନନ୍ଦ ବଜାରରେ ନିର୍ଦ୍ଦିଷ୍ଟ ସ୍ଥାନରେ ଭକ୍ତ ମାନେ ମହାପ୍ରସାଦ ସେବନ କରିପାରିବେ । ଭକ୍ତ ମାନେ ଜୋତା ଷ୍ଟାଣ୍ଡ ଠାରୁ ଧାଡିରେ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିରକୁ ସିଂହଦ୍ୱାର ଦେଇ ପ୍ରବେଶ କରିବେ । ସେହିପରି ଶ୍ରୀଜୀଉଙ୍କ ଦର୍ଶନ ପରେ ଅନ୍ୟ ତିନି ଦ୍ୱାର ଦେଇ ମନ୍ଦିର ବାହାରକୁ ଫେରିପାରିବେ । ସପ୍ତାହକୁ ତିନି ଦିନ ସାଧାରଣ ଦର୍ଶନ ପରେ ରାତିରେ ମନ୍ଦିର ଭିତର ସାନିଟାଇଜ୍ କରାଯିବ । ପରବର୍ତି ସ୍ଥିତିକୁ ଦୃଷ୍ଟିରେ ରଖି ଏସଓପିରେ ମଧ ପରିବର୍ତନ କରାଯାଇପାରେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଗଣମାଧମକୁ ସୂଚନା ଦେଇଛନ୍ତି ।

## କେମିତି ଅଚାନକ୍ ପାହାଡ...

ଫେବ୍ରୁଆରୀ, ୭ତାରିଖ ରବିବାର ଦିନର ସେହି ସମୟର ଦୃଶ୍ୟ । ଯେତେବେଳ ହିମସ୍ଖଳନ ଯୋଗୁଁ ମାତ୍ର କେଇ ମୁହୁର୍ତରେ ପାଣି କାଦୁଅରେ ଭାସିଯାଇଥିଲା ସବୁ । ପ୍ରବଳ ବେଗରେ ମାଡି ଆସିଥିବା କାଦୁଅରୁ ନିଜକୁ ସୁରକ୍ଷିତ କରିବା ପାଇଁ କିଛି ପଦକ୍ଷେପ ନେବା ପୂର୍ବରୁ ସବୁଆଡୁ ରାସ୍ତା ବନ୍ଦ ହୋଇଯାଇଥିଲା । ଆଉ କାଦୁଅ ପାଣିରେ ଭାସିଯାଇଥିଲା ସବୁକିଛି । ଘଟଣାକୁ ୩ଦିନ ବିତିଯାଇଥିବା ବେଳେ ପ୍ରଥମ ଟନେଲରୁ ସମସ୍ତଙ୍କୁ ଉଦ୍ଧାର କରାଯାଇଛି । କିନ୍ତୁ ଦ୍ୱିତୀୟ ସୁଡଙ୍ଗରେ ଏବେବି ଉଦ୍ଧାରକାର୍ଯ୍ୟ ଜାରି ରହିଛି । ତେବେ ସମୟ ଯେତିକି ଗଡି ଗଡି ଯାଉଛି ଆଶଙ୍କା ସେତିକି ବଢି ବଢି ଚାଲିଛି । ହିମସ୍ଖଳନ ପରେ ଏବେ ଏନଟିପିସିର ନିର୍ମାଣଧୀନ ତପୋବନ ପାୱାର ପ୍ରଜେକ୍ଟର କିଛି ସାଟେଲାଇଟ ଇମେଜ ଆସିଛି । ଯେଉଁଥିରେ ପ୍ରଳୟର ପୂର୍ବ ଏବଂ ପର ସ୍ଥିତି ସ୍ପଷ୍ଟ ଭାବେ ବାରି ହୋଇ ପଡୁଛି । ଏହି ଦୁଇଟି ଫଟୋ ଉପରେ ନଜର ପକାନ୍ତୁ ପ୍ରଥମ ଫଟୋଟି ୨୦୧୮ନଭେମ୍ବର ମାସର ଏବଂ ଦ୍ୱିତୀୟ ଫଟୋଟି ପ୍ରଳୟ ପରେ ଫେବ୍ରୁଆରୀ ୯ତାରିଖର ଫଟୋ । ହିମସ୍ଖଳନରେ ପରେ ଡ୍ୟାମଟି ସମ୍ପୂର୍ଣ୍ଣ ଭାବେ କାଦୁଅରେ ପୋତି ହୋଇଯାଇଛି ।

## କୋଟିଆରେ ବିଜେପି ....

ଅମାପ ସୁଯୋଗ ରହିଛି । ସରକାର ତାର ଯୋଜନା ପ୍ରସ୍ତୁତ କରନ୍ତୁ ବୋଲି ସେ କହିଛନ୍ତି । ଏଠାରେ ଜଙ୍ଗଲଜାତ ସାମଗ୍ରୀ, ମାଣ୍ଡିଆ ଯେଭଳି ବଜାର ଦରରେ ବିକ୍ରୀ ହେବ ଓ ଆଦିବାସୀ ମାନେ ତାର ଲାଭ ପାଇବେ ରାଜ୍ୟ ସରକାର ତାହା ସୁନିଶ୍ଚିତ କରନ୍ତୁ । କୋଟିଆରେ ବହୁମୂଲ୍ୟ ରତ୍ନ ପଥର ଥିବା ପାହାଡ ଥିବା କାରଣରୁ ଆନ୍ଧ୍ର ସରକାର ଏହାକୁ ହାତେଇବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି । ରାଜ୍ୟରେ ଗୋଟିଏ କି ପ୍ରକାର ସରକାର ଚାଲିଛି ଯେ ରାଜ୍ୟର ସୀମା ଅସୁରକ୍ଷିତ, ରାଜ୍ୟର ପାଣି ଅସୁରକ୍ଷିତ , ରାଜ୍ୟର ଜଙ୍ଗଲ ଅସୁରକ୍ଷିତ । ଛତିଶଗଡ, ଆନ୍ଧ୍ର ପାଣିକୁ ରୋକୁଛନ୍ତି । ପଶ୍ଚିମ ବଙ୍ଗ ଆମ ରାଜ୍ୟର ବାଲି ନେଇ ଯାଉଛି, ଝାଡଖଣ୍ଡ ଆମର ଜଙ୍ଗଲ ନେଇ ଯାଉଛି । ରାଜ୍ୟ ସରକାର କରୁଛନ୍ତି କଣ ବୋଲି ସେ ପ୍ରଶ୍ନ କରିଛନ୍ତି ।

## ମାଟ୍ରିକ୍ ପରୀକ୍ଷା ଫର୍ମ ...

ଏହାକୁ ପ୍ରଥମେ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ବୁଧବାର ଦିନ ଏହାକୁ ଆଉ ୨ ଦିନ ପାଇଁ ବଢାଯାଇଛି । ଆସନ୍ତା ମଇ ୩ ତାରିଖରୁ ପରୀକ୍ଷା ଆରମ୍ଭ ହେବ । ଏହା ୧୫ ତାରିଖ ଯାଏ ଚାଲିବ । ପ୍ରଥମ ଦିନ ମାତୃଭାଷା , ୫ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ ୭ ତାରିଖରେ ହିନ୍ଦୀ, ୮ରେ ସଂସ୍କୃତ, ୧୦ରେ ଗଣିତ, ୧୨ରେ ବିଜ୍ଞାନ ଓ ୧୫ରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ । ପରୀକ୍ଷା ସକାଳ ୮ଟାରୁ ଆରମ୍ଭ ହେବ ଓ ୧୦ଟାରେ ଶେଷ ହେବ । ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ୍ ଦିଆଯିବ । ସକାଳ ୭ଟା ୪୫ରେ ଉଭୟ ଅବ୍‌ଜେକ୍ଟିଭ୍ ଓ ସବ୍‌ଜେକ୍ଟିଭ୍ ପ୍ରଶ୍ନପତ୍ର ବଂଟାଯିବ । ଏହା ପରେ ୮ଟାରୁ ୯ଟା ପିଲାମାନେ ଅବ୍‌ଜେକ୍ଟିଭ୍ ପରୀକ୍ଷା ଦେବେ । ଏହା ପରେ ୯ଟାରୁ ୧୦ଟା ପର୍ଯ୍ୟନ୍ତ ସବ୍‌ଜେକ୍ଟିଭ୍ ପ୍ରଶ୍ନର ଉତର ଦେବେ । ଓଏମ୍‌ଆରରେ ଅବ୍‌ଜେକ୍ଟିଭ୍ ଓ ବୁକ୍‌ଲେଟ୍ ରେ ସବ୍‌ଜେକ୍ଟିଭ୍ ପ୍ରଶ୍ନର ଉତର ଲେଖିବେ ପରୀକ୍ଷାର୍ଥୀ ।

## ପୁଣି ବଢିଲା ପେଟ୍ରୋଲ...

ତୈଳ ଦର ବଢୁଥିବା କୁହାଯାଇଛି । ସେପଟେ ବ୍ରେଣ୍ଟକୃଡ ଅଏଲର ବ୍ୟାରେଲ ପିଛା ମୂଲ୍ୟ ୬୧ ଡଲାର ବୃଦ୍ଧି ପାଇଛି । ବୁଧବାର ଦିନ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦାମ ୮୭.୬୦ ଟଙ୍କା ଓ ଡିଜେଲ ୭୭.୭୩ ଟଙ୍କା ରହିଥିବା ବେଳେ ମୁମ୍ବାଇରେ ପେଟ୍ରୋଲ ୯୪.୧୨ ଟଙ୍କା ଓ ଡିଜେଲ ର ଲିଟର ପିଛା ଦାମ ୮୪.୬୩ ଟଙ୍କା ରହିଛି । ସେହିଭଳି ଚେନ୍ନାଇରେ ପେଟ୍ରୋଲର ଦାମ ୮୯.୯୬ ଟଙ୍କା ରହିଥିବା ବେଳେ ଡିଜେଲ ୮୨.୯୦ ଟଙ୍କା ରହିଛି । କୋଲକତାରେ ପେଟ୍ରୋଲ ୮୮.୯୨ ଟଙ୍କା ଓ ଡିଜେଲ ୮୧.୩୧ ଟଙ୍କା, ନୋଇଡାରେ ପେଟ୍ରୋଲର ଦାମ ଲିଟର ପିଛା ୮୬.୬୪ ଓ ଡିଜେଲର ଦାମ ୭୮.୧୫ ଟଙ୍କା ରହିଛି । ଲଗାତର ଭାବେ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଗତ ୧୦ ମାସ ମଧରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୧୮ ଟଙ୍କା ବୃଦ୍ଧି ପାଇସାରିଲାଣି । ହେଲେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ କୌଣସି ସବସିଡି ଦେବାକୁ ପ୍ରସ୍ତୁତ ନଥିବା କୁହାଯାଇଛି ।

## ହୋଟେଲ ମାଲିକଙ୍କୁ ....

ଗୁରୁତର ଅବସ୍ଥାରେ ତାଙ୍କୁ ଆଇଜିଏଚ ହସ୍ପିଟାଲରେ ଭର୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଜମିଜମା ବିବାଦ ଓ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ପ୍ଲାଂଟ ସାଇଟ ପୁଲିସ ଘଟଣା ସ୍ଥଳରେ ପହଚିଂ ତଦନ୍ତ ଜାରି ରଖିଛି । ସିସିଟିଭିରେ କଏଦ ହୋଇଛି ହତ୍ୟାକାରୀଙ୍କ ଭିଡ଼ିଓ । ୨ଟି ବାଇକରେ ୩ ଜଣ ଦୁର୍ବୃତ ଆସିଥିବା ଭିଡିଓରୁ ଜଣାପଡୁଛି । ପ୍ରଥମେ ଏକ ଧଳା ରଂଗର ସ୍କୁଟର ଆସି ଘର ସାମନାରେ ଅଟକୁଛି । ଏହା ପଛକୁ ଅନ୍ୟ ଏକ ବାଇକରେ ୨ ଜଣ ଦୁର୍ବୃତ୍ତ ଘର ସାମନା ଦେଇ ଆଗକୁ ଯାଉଛନ୍ତି । ଧଳା ସ୍କୁଟରରୁ ବାହାରି ଜଣେ ବ୍ୟକ୍ତି ସଜ୍ଜନ ମିତଲଙ୍କ ଘର ଭିତରକୁ ପଶୁଛନ୍ତି । କିଛି ସମୟରେ ସେ ବାହାରକୁ ବାହାରୁଥିବା ବେଳେ ପୂର୍ବରୁ ବାହାରେ ଥିବା ଅନ୍ୟ ଦୁଇ ଦୁର୍ବୃତ୍ତ ତାଙ୍କ ପାଖରେ ପହଚିଂଛନ୍ତି । ହତ୍ୟାକାଣ୍ଡ ଘଟାଇ ଅତି ସହଜରେ ୩ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଉଛନ୍ତି । ହତ୍ୟାକାରୀଙ୍କୁ ଧରିବାରେ ଏହି ସିସିଟିଭି ଫୁଟେଜ ବଡ଼ ସୁରାଗ ହୋଇପାରେ ବୋଲି ଅନୁମାନ କରାଯାଉଛି ।

# ବହୁଚର୍ଚ୍ଚିତ ଗଣଦୁଷ୍କର୍ମ ମାମଲାରେ ନ୍ୟାୟ ପାଇଁ ପୀଡିତାଙ୍କ ଏସ୍.ପି ଙ୍କୁ ଆକୁଳ ନିବେଦନ

ଜଳେଶ୍ୱର, ୧୦/୨ (ନିପ୍ର) : ଗତ ନଭେମ୍ବର ୨୩ ତାରିଖ ଦିନ ଜଳେଶ୍ୱର ଥାନା ଅଧିନ ଅଲାଲପୁର ଗ୍ରାମର ପ୍ରଶାନ୍ତ ଜେନାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ଜେନାଙ୍କୁ ଅପହରଣ ଓ ପରେ ଦୁଷ୍କର୍ମ ମାମଲାରେ ଜଣେ ଗିରଫ ହୋଇଥିଲେ । ହେଲେ ସଂପୃକ୍ତ ଅନ୍ୟ ୨ଜଣ ଅଭିଯୁକ୍ତ ଖୋଲାଖୋଲି ବୁଲୁଥିଲେ ମଧ୍ୟ ତାଙ୍କୁ ଗିରଫ କରାଯାଉନହିଁ । ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ଧରଣୀଧର ଜେନାଙ୍କ ପରିବାର ସଦସ୍ୟ ସହିତ ମିଶି ଅଭିଯୁକ୍ତମାନେ ବିଭିନ୍ନ ଉପାୟରେ ପିଡିତାଙ୍କୁ ମାନସିକ ନିର୍ଯ୍ୟାତନା ଦେବା ସହିତ କେସ୍‌କୁ ପ୍ରଭାବିତ କରିବାକୁ ଚେଷ୍ଟା ଚଳେଇଥିବା ଅଭିଯୋଗ ହୋଇଛି । ଏପରିକି ତାଙ୍କ ଜୀବନପ୍ରତି ବିପଦ ଥିବାରୁ ସେ ଭୟଭୀତ ଅବସ୍ଥାରେ ରହୁଛି । ଏହି ଅପହରଣ ମାମଲାରେ ବ୍ୟବହୃତ ହୋଇଥିବା ଗାଡିକୁ ମଧ୍ୟ ଏପର୍ଯ୍ୟନ୍ତ ସିଜ୍ କରାଯାଇନଥିବାର ପିଡିତା ଗିତାଞ୍ଜଳି ଜେନା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ ଜେନା ଆଜିର ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ତେଣୁ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ ତାଙ୍କୁ ନ୍ୟାୟ ଦେବାକୁ ସେ ବାଲେଶ୍ୱର ଏସ୍.ପିଙ୍କୁ ନିବେଦନ କରିଛନ୍ତି ।

ଗୁରୁବାର, ୧୧ ଫେବୃୟାରୀ ୨୦୨୧
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ମହାଶକ୍ତି ମା'ବଗଳାଦେବୀଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୧୦।୦୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ତାମୂଳିଆସ୍ଥିତ ଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତିପୀଠରେ ମାଆ ବଗଳାମୁଖୀଙ୍କ ୩ଦିନିଆ ଜନ୍ମ ଉତ୍ସବ ଓ ସପ୍ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୮ ତାରିଖରୁ ଚାଲିଥିବା ଶୋଡ଼ଷ ଉପଚାରର ବିଶେଷ ନୀତିପୂଜା ସାଙ୍ଗକୁ ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି । ଗତ ଶନିବାର ଘଟ ଉତ୍ତୋଳନ ସହ ବୈଦିକ ରୀତିରେ ଯଜ୍ଞକାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବେଦଜ୍ଞ ପଣ୍ଡିତ ଏବଂ ବ୍ରାହ୍ମଣମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନି ସ୍ଥାପନ ସାଙ୍ଗକୁ ମନ୍ଦିରରୁ ମାଆ ବଗଳାମୁଖୀଙ୍କୁ ଯଜ୍ଞବେଦୀକୁ ନିଆଯାଇଥିଲା। ସେଠାରେ ଅର୍ଚ୍ଚନ, ସହସ୍ରାଦି ବଗଳା ମନ୍ତ୍ରରେ ଯଜ୍ଞାହୁତି ପ୍ରଦାନ ସହ ସନ୍ଧ୍ୟାରେ ପୁନର୍ବାର ଶ୍ରୀମନ୍ଦିରକୁ ମାଙ୍କ ପ୍ରତ୍ୟାବର୍ତନ ଇତ୍ୟାଦି କାର୍ଯ୍ୟକ୍ରମ ନିୟମିତ ଅନୁଷ୍ଠିତ ହୋଇଥିଲା । ପଣ୍ଡିତଙ୍କ ବେଦମନ୍ତ୍ର ସାଙ୍ଗକୁ ଶଙ୍ଖ, ହୁଳହୁଳି, ଘଣ୍ଟ, ଘଣ୍ଟା ଓ ଭଜନ କୀର୍ତ୍ତନର ଧ୍ୱନିରେ ସମଗ୍ର ଅଂଚଳ କମ୍ପି ଉଠିଥିଲା। କରୋନା ପ୍ରକୋପ ହ୍ରାସ ପାଇଥିବା ବେଳେ ପୀଠରେ ଭକ୍ତଙ୍କ ସଂଖ୍ୟା ବି ବୃଦ୍ଧି ପାଇଥିଲା। ଶ୍ରଦ୍ଧାଳୁଙ୍କ ଶାନ୍ତସିକ୍ତ ଆରାଧନାରେ ସିଦ୍ଧ ଶକ୍ତିପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମହାଶକ୍ତି ପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ବିଧିପୂର୍ବକ ସମାପନ ହୋଇଥିଲା । ଜନ୍ମୋତ୍ସବର ଉଦଯାପନ ଅବସରରେ ମା'ଙ୍କଠାରେ ୧୦୦୮ ପ୍ରକାରର ବିଭିନ୍ନ ବ୍ୟଞ୍ଜନ, ମିଷ୍ଟାନ୍ନ, ଫଳମୂଳ ଓ ପ୍ରସାଦ ଆଦି ଲାଗି ହୋଇଥିଲା । ଏହି ବିରଳ ପ୍ରସାଦ ଅର୍ପଣ ସେବା ଦେଖିବାକୁ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଉଦ୍‌ଯାପନ ସନ୍ଧ୍ୟାରେ ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ପରେ ଯଜ୍ଞବେଦୀରୁ ମାଆଙ୍କୁ ମନ୍ଦିରକୁ ବିଜେ ସହ ମହାଆଳତୀ କରାଯାଇଥିଲା। ଏହି ଦିବ୍ୟଅରତୀ ଦୃଶ୍ୟ ଦେଖିବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ ଉତ୍ସୁକତା ଲକ୍ଷ୍ୟ କରାଯାଇଥିଲା। ତିନିଦିନ ବ୍ୟାପୀ ଚାଲିଥିବା ଉତ୍ସବରେ ସହର ସମେତ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଦଳୀୟ ଭିତ୍ତିରେ ରେସନ୍‌କାର୍ଡ ବଣ୍ଟନକୁ ନେଇ ବିଜେପିର ଦାବିପତ୍ର

ଜଳେଶ୍ୱର, ୧୦/୨ (ନିପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ପୌରାଞ୍ଚଳରେ ନିର୍ଦ୍ଦିଷ୍ଟ କେତେକ ଦଳୀୟ କର୍ମୀ ମାନେ ଘରକୁଘର ବୁଲି ରେସନ୍‌କାର୍ଡ ବଣ୍ଟନ କରୁଥିବାରୁ ଏହାକୁ ବିଜେପି ପକ୍ଷରୁ ବିରୋଧ କରାଯାଇଛି । ହିତାଧିକାରୀ ମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଫୋରମ୍‌ରେ ସରକାରୀଭାବେ ବଣ୍ଟନ କରା ନଯାଇ ରାଜନୈତିକ ଉଦ୍ଦେଶ୍ୟ ରଖି ଦଳୀୟଭିତ୍ତିରେ ବଣ୍ଟାଯିବା ସହିତ ଉନ୍ନୟନମୂଳକ କାର୍ଯ୍ୟରେ କିଛି ନିର୍ଦ୍ଦିଷ୍ଟ ଦଳର ଲୋକମାନଙ୍କୁ ସଂଶ୍ଳିଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି । ଆଜି ବୁଧବାର ପୂର୍ବାହ୍ନରେ ବିଜେପି ନଗର ସଭାପତି ଫାଲଗୁନି ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନନ୍ତ କୁମାର ଦାସ, ସଂଜିବ ପ୍ରଧାନ, ରବିନ୍ଦ୍ର କୁମାର ପାତ୍ର, ରଂଜନ ପାତ୍ର, ଅମ୍ବିକା ପ୍ରଧାନ, ସପନ ଦେ, ବରେନ୍ଦ୍ର ପଣ୍ଡା, ସମ୍ଭୁନାଥ ପରିଡା, ରାମକୃଷ୍ଣ ସାହୁ, ଗୌରୀଶଂକର ଦଲେଇ, ଶିଦ୍ଧେଶ୍ୱର ପଣ୍ଡା ପ୍ରମୁଖ ବହୁ କର୍ମୀ ପୌର କାର୍ଯ୍ୟାଳରେ ଉପସ୍ଥିତ ହୋଇ ନାରାବାଜି କରିଥିଲେ । ଶେଷରେ ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ଓ ଯୋଗାଣ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

# ସଂସଦରେ ବୃହତ ବନ୍ଦର ପ୍ରାଧୀକରଣ ବିଲ୍-୨୦୨୦ ଅନୁମୋଦିତ

ପାରାଦୀପ,୧୦।୦୨ (ନି.ପ୍ର): ସଫଳ ବିଶ୍ୱସ୍ତରୀୟ ଅଭ୍ୟାସ ସହିତ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସକାଶେ ଉଦ୍ଦିଷ୍ଟ ବୃହତ ବନ୍ଦର ପ୍ରାଧୀକରଣ ବିଲ୍-୨୦୨୦ ବୁଧବାର ସଂସଦରେ ଅନୁମୋଦନ ଲାଭ କରିଛି । ରାଜ୍ୟ ସଭାରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ସ୍ୱାଧିନ ରାଷ୍ଟ୍ରମନ୍ତ୍ରୀ ମନ୍‌ସୁଖ ମାଣ୍ଡଭ୍ୟା ଏହି ବିଲ୍ ଉପସ୍ଥାପନ କରିଥିଲେ । ରାଜ୍ୟସଭାରେ ଏହା ଅନୁମୋଦନ ଲାଭ କରି ରାଷ୍ଟ୍ରପତିଙ୍କ ଅନୁମୋଦନ ନିମନ୍ତେ ପଠାଯିବ । ବନ୍ଦର ଭିତ୍ତିଭୂମୀକୁ ସଂପ୍ରସାଣ କରିବା, ବାଣିଜ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା, ବନ୍ଦର ନିଷ୍ପତି ଗ୍ରହଣ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିବା ତଥା ପରିଚାଳନାରେ ବୃତ୍ତିଗତତାକୁ ଅନ୍ତର୍ଭୁକ୍ତ କରିବାର ଏହି ବ୍ୟବସ୍ଥାରେ ଲକ୍ଷ୍ୟ ରହିଛି । ବୃହତ ବନ୍ଦର ଗୁଡିକର କାର୍ଯ୍ୟରେ ଏହି ବ୍ୟବସ୍ଥା ଦ୍ୱାରା ସ୍ୱଚ୍ଛତା ଆସିପାରିବ । ବିଲ୍‌ର ମୁଖ୍ୟ ବୈଶିଷ୍ଟ୍ୟ ମଧ୍ୟରେ ଏହି ଅଧିନିୟମରେ ପୁରୁଣା ବିଭାଗ ଗୁଡିକୁ ହଟାଯାଇ ଏହା ୧୩୪ରୁ ୭୬ କରାଯାଇଛି । ବନ୍ଦର ବୋର୍ଡରେ ଅନ୍ୟ ଆଗ୍ରହର ପ୍ରତିନିଧିତ୍ୱ ୧୭ରୁ ୧୯ ରହୁଥିବା ବେଳେ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ୧୧ରୁ ୧୩ ସଦସ୍ୟରହିବେ । ଏକ ଛୋଟ ବୋର୍ଡରେ ବୃତ୍ତିଗତ ସ୍ୱାଧୀନ ସଦସ୍ୟଙ୍କ ସଂଖ୍ୟା ରହିବା ଯୋଗୁଁ ବନ୍ଦରର ଯୋଜନା ରଣନୀତି ସୁଗମ ହେବ । ବୃହତ ବନ୍ଦର ରହୁଥିବା ରାଜ୍ୟ ସରକାରଙ୍କ ପ୍ରତିନିଧି, ରେଳ, ପ୍ରତିରକ୍ଷା, ବହିଃଶୁଳ୍କ ଓ ରାଜସ୍ୱ ବିଭାଗ ସଦସ୍ୟ ମାନେ ବନ୍ଦର ଟ୍ରଷ୍ଟବୋର୍ଡର ସଦସ୍ୟ ରହିବେ । ଏହାଛଡା ରାଜ୍ୟ ସରକାରଙ୍କ ମନୋନୀତ ସଦସ୍ୟ ତଥା କର୍ମଚାରୀଙ୍କ ପ୍ରତିନିଧି ମଧ ବୋର୍ଡର ସଦସ୍ୟ ରହିବେ । ବନ୍ଦର କର୍ତ୍ତୃପକ୍ଷଙ୍କୁ ବର୍ତ୍ତମାନ ଶୁଳ୍କ ନିର୍ଦ୍ଧାରଣର କ୍ଷମତା ଦିଆଯାଇଛି । ଯାହାଙ୍କ ସରକାରୀ, ଘରୋଇ, ସହଭାଗିତା ପ୍ରକଳ୍ପ ପାଇଁ ଟେଣ୍ଡର ଉଦ୍ଦେଶ୍ୟରେ ଏକ ରେଫରେନ୍ସ ଭାବେ କାର୍ଯ୍ୟ କରିବ । ପ୍ରମୁଖ ବନ୍ଦର ଗୁଡିକ ପାଇଁ ପୂର୍ବ ଟିଏଏମ୍‌ପିର ଅବଶିଷ୍ଟ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା, ବନ୍ଦର ଏବଂ ପିପିପି କନ୍‌ସେସନାରୀଙ୍କ ମଧ୍ୟରେ ବିବାଦ ଦେଖିବା, ଚାପଗ୍ରସ୍ତ ପିପିପି ପ୍ରକଳ୍ପର ସମିକ୍ଷା କରିବା ଓ ସମିକ୍ଷା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେବା ପାଇଁ ଏକ ଆଡ଼୍‌ଜିକ୍ୟୁଟିଭ୍ ବୋର୍ଡ ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହିପରି ପ୍ରକଳ୍ପ ଗୁଡିକୁ ପୁନଃର୍ଜୀବିତ ଏବଂ ବନ୍ଦର ଗୁଡିକ ମଧ୍ୟରେ କାର୍ଯ୍ୟ କରୁଥିବା ବନ୍ଦର ଓ ବେସରକାରୀ ଅପରେଟର ମାନଙ୍କ ଦ୍ୱାରା ପ୍ରଦତ୍ତ ସେବା ସମ୍ବନ୍ଧୀୟ ଅଭିଯୋଗ ଗୁଡିକୁ ଦେଖିବା । ଚୁକ୍ତିନାମା, ଯୋଜନା ଏବଂ ବିକାଶ, ଶୁଳ୍କର ଫିକ୍ସିଂ, ନିଷ୍କ୍ରିୟତା ଏବଂ ପୋର୍ଟ ଅଥରିଟି ବୋର୍ଡକୁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି । ବର୍ତ୍ତମାନର ଏମପିଟି ଅଧିନିୟମ ୧୯୬୩ରେ ୨୨ଟି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଆବଶ୍ୟକ ଥିଲା । ପ୍ରତ୍ୟେକ ବୃହତ ବନ୍ଦରର ବୋର୍ଡ ଯେକୌଣସି ବିକାଶ କିମ୍ବା ଭିତ୍ତିଭୂମୀ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିପାରିବେ । ବନ୍ଦର କର୍ତ୍ତୃପକ୍ଷଙ୍କ ସିଏସ୍‌ଆର ଏବଂ ଭିତ୍ତିଭୂମୀ ବିକାଶର ବ୍ୟବସ୍ଥା କରାଯାଇଛି । ପ୍ରମୁଖ ବନ୍ଦର କର୍ମଚାରୀଙ୍କ ପେନସନଭୋଗୀ ସୁବିଧା ସହିତ ଦରମା, ଭତ୍ତା ଏବଂ ସେବା ଅବସ୍ଥାକୁ ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

## ରାସ୍ତାକଡ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ମାଂସ ଦୋକାନ

ଜଳେଶ୍ୱର, ୧୦/୨ (ନିପ୍ର) : ଛାତ୍ରଛାତ୍ରୀମାନେ ଦେଶର ଭବିଶ୍ୟତ । ଏକ ସୁସ୍ଥ ଓ ଆଧ୍ୟାତ୍ମିକ ପରିବେଶରେ ଛାତ୍ରଛାତ୍ରୀମାନେ ପାଠ ପଢିବାକୁ ଆସିଥାନ୍ତି । ମାତ୍ର ଏପରି ଏକ କୃର ତଥା ଅମାନବୀୟ ପରିବେଶ ଦେଖିବାକୁ ମିଳିଛି ଜଳେଶ୍ୱର ମ୍ୟୁନିସିପାଲଟିର ନୂଆବଜାରସ୍ଥିତ ମହିଳା ମହାବିଦ୍ୟାଳୟ ସମ୍ମୁଖରେ । ଜଳେଶ୍ୱରରୁ ଆମ୍ବଳିଅଠା ମଧ୍ୟରେ ରାସ୍ତା କଡରେ ଏପରି ବହୁ ମାଂସ ଦୋକାନ ଖୋଲାଖୋଲି ଭାବେ ଚାଲୁଥିଲେ ମଧ୍ୟ ପୌର କାର୍ଯ୍ୟାଳୟ କିମ୍ବା ପୁଲିସ୍ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏହି ରାସ୍ତାରେ ୩ବର୍ଷରୁ ୨୦ବର୍ଷର ହଜାର ହଜାର ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବାରୁ ଅଭିଭାବକ ମାନେ ଚିନ୍ତାରେ ପଡିଛନ୍ତି । ବହୁ ସମୟରେ ପଥାଚାରୀମାନେ ଅନ୍ୟମନସ୍କ ହୋଇ ଦୁର୍ଘଟଣାର ଶୀକାର ହେଉଥିବା ଜଣାଯାଇଛି । ତେଣୁ ଏପରି ମାଂସଦୋକାନ ଗୁଡିକୁ ବନ୍ଦ କରାଯିବାକୁ ଜଳେଶ୍ୱର ଅଭିଭାବକ ସଂଘ ପକ୍ଷରୁ ଘୋର ନିନ୍ଦା କରାଯିବା ସହିତ ଛାତ୍ରଛାତ୍ରୀଙ୍କ ମାନସିକ ଚାପରୁ ପ୍ରଶାସନ ମୁକ୍ତ କରିବାକୁ ନିବେଦନ କରିଛନ୍ତି ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକଙ୍କ ପ୍ରତିବାଦ

# ଜିଲ୍ଲା ପ୍ରଶାସନର ସରକାରୀ କାର୍ଯ୍ୟକ୍ରମ ବୟକଟ ନିଷ୍ପତ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା,୧୦।୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକର ଠାରପୋଖରୀଆ ବସଷ୍ଟାଣ୍ଡରେ ଯାତ୍ରୀ ମାନଙ୍କୁ ମୌଳିକ ସୁବିଧା ଯଥା ଯାତ୍ରୀ ପ୍ରତିକ୍ଷାଳୟ, ଶୌଚାଳୟ, ପାନୀୟ ଜଳ ଓ ଆଲୋକ ବ୍ୟବସ୍ଥା ପାଇଁ ଦୀର୍ଘ ଦିନର ଦାବୀପରେ ମଧ୍ୟ ନିର୍ମାଣାଧୀନ ପ୍ରକଳ୍ପକାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ ନଥିବାରୁ ସ୍ଥାନୀୟ ସାମାଜିକ କର୍ମୀ ତଥା ଗଣମାଧ୍ୟମ ପ୍ରତିନିଧି କ୍ଷିରୋଦ ଚନ୍ଦ୍ର ଦାସ ଗତ ୫ ତାରିଖ ଠାରୁ ୨ୟ ଥର ପାଇଁ ଆମରଣ ଅନଶନରେ ବସିଥିବା ବେଳେ ଦୀର୍ଘ ୫ ଦିନ ଧରି ତାଙ୍କ ନିକଟକୁ କେହି ପ୍ରସାଶନିକ ଅଧିକାରୀ ଯାଇ ଆଲୋଚନା ପୂର୍ବକ



ସମାଧାନର ପନ୍ଥା ବାହାର କରି ନଥିବାରୁ ଗତ୯/୨/୨୧ ରିଖ ଦିବା ୧୧ଟା ସମୟରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଘଟଣା ବିଷୟରେ ଆଲୋଚନା କରିଥିଲେ ମଧ୍ୟ ଜିଲ୍ଲାପାଳଙ୍କ ବ୍ୟବହାର ସଂ'ୋଷ ଜନକ ନଥିବା ଏବଂ ସମାଧାନର କୌଣଷି ପନ୍ଥା ବାହାରି ନଥିବାରୁ ଗଣମାଧ୍ୟମ ପ୍ରତିନିଧି ମାନେ ଦୁଃଖ ପ୍ରକାଶ କରିଥିଲେ । ଏହାର ପ୍ରତିବାଦ ସ୍ୱରୁପ ଗଣମାଧ୍ୟମ ପ୍ରତିନିଧି ମାନେ ଏକତ୍ରୀତ ହୋଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘଟଣାର ପ୍ରତିବାଦ ଜଣାଇଥିଲେ ଓ ଜିଲ୍ଲାର ଏହିଭଳି ଜନସମସ୍ୟା ମୂଳକ ସମସ୍ୟା ଗୁଡିକର ସମାଧାନ ପାଇଁ ଜିଲ୍ଲାପ୍ରସାଶନ ତତ୍ପରତା ପ୍ରକାଶ କରୁନଥିବାରୁ ଏହା ଜିଲ୍ଲା ପ୍ରସାଶନର ଅପାରଗତା ବୋଲି ଆଲୋଚନା କରାଯାଇ ଗଣମାଧ୍ୟମ ପ୍ରତିନିଧି ମାନେ ଜିଲ୍ଲାପ୍ରସାଶନର ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ବୟକଟ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ

# ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ 'ମୋ କଲେଜ' କମିଟି ଗଠନ ପାଇଁ ପଦକ୍ଷେପ

ପାରାଦୀପ,୧୦।୦୨ (ନି.ପ୍ର): ଓଡିଶା ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାଇ ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ଏକ "ମୋ କଲେଜ" କମିଟି ଗଠନ ପାଇଁ ବିହିତ ପଦକ୍ଷେପ ନିଆଯାଉଛି । ଏଥିପାଇଁ ପୂରାତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆସନ୍ତା ତା୨୨/୦୨/୨୦୨୧ରିଖ ଅପରାହ୍ନ ୩.୩୦ରେ ମହାବିଦ୍ୟାଳୟର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହେବ । ପାରାଦୀପ ମହାବିଦ୍ୟାଳୟର ୱେବ୍‌ସାଇଟ୍‌ରେ ଏଥିପାଇଁ ମଧ ସୂଚନା ପ୍ରଦାନ କରାଯାଇଛି । ଏହି କମିଟି ପାଇଁ ପୂରାତନ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୬ଜଣଙ୍କୁ ମନୋନୀତ କରି କମିଟିର




ସଦସ୍ୟ ଭାବେ ରଖାଯିବ । ଏହି କମିଟି ମହାବିଦ୍ୟାଳୟ ଉନ୍ନତି ମୂଳକ କାର୍ଯ୍ୟରେ ସହାୟକ ହେବ । ଏଥିପାଇଁ ମହାବିଦ୍ୟାଳୟର ଅଧକ୍ଷା ଡଃ ସୁପ୍ରେମା କାନୁନ୍‌ଗୋ ସମସ୍ତ ପୂରାତନ ଛାତ୍ରଛାତ୍ରୀ ମାନଙ୍କୁ ଏହି ବୈଠକରେ ଯୋଗ ଦେବା ପାଇଁ ଅନୁରୋଧ କରିଛନ୍ତି ।

# କାର୍ ସହ ବାଇକର ଧକ୍କା : ୧ମୃତ ୧ ଗୁରୁତର

ବସ୍ତା,୧୦।୦୨ (ନି.ପ୍ର):ଆଜି ସନ୍ଧ୍ୟାରେ ୬୦ନଂ ଜାତୀୟ ରାଜପଥର ରାଜଘାଟ ପୁରୁଣା ଟୋଲଗେଟ୍ ନିକଟରେ ଗୋଟିଏ ଅଜଣା କାର ସହ ବାଇକର ଧକ୍କା ହେବା ଫଳରେ ବାଇକରେ ୨ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସିତ ଅବସ୍ଥାରେ ଅଛନ୍ତି।ସୂଚନାରୁ ପ୍ରକାଶ ଭୋଗରାଇଥାନା ମାନକୋଣ୍ଡ ଗ୍ରାମର ରାଧାଶ୍ୟାମ ମଣ୍ଡଳଙ୍କ ପୁତ୍ର ରୋହିଣୀ ମଣ୍ଡଳ ଓରଫ୍ ଝାମ୍ପୁଡି(୪୨) ଭାନ୍ଦିପୁର ଗ୍ରାମର ନାରାୟଣ ମଣ୍ଡଳଙ୍କ ପୁତ୍ର ରଞ୍ଜନ



ମଣ୍ଡଳ(୨୬) ଶଳା ଭିଣୋଇ ଦୁହେଁ ଏକ ବାଇକ୍ ଯୋଗେ ଥାନାଛକରୁ ବନ୍ଧୁଘର ଭାନ୍ଦିପୁରକୁ ଆସୁଥିବା ସମୟରେ ରାଜଘାଟ ନିକଟରେ ଥିବା ପୁରୁଣା ଟୋଲଗେଟ୍ ନିକଟରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ଅଜଣା କାର୍ ସହ ସାମନା ସାମିନି ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଭିଣୋଇ ରୋହିଣୀଙ୍କର ମୃତ୍ୟୁ ଘଟିଥିବା ବେଳେ ରଞ୍ଜନ ଗୁରୁତର ହୋଇଥିଲେ।ଖବର ପାଇ ଜାତୀୟ ରାଜପଥର ଆମ୍ବୁଲାନସ୍ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ହିମାଂଶୁ ଭୂଷଣ ପଲେଇ ରୋହିଣୀଙ୍କୁ ମୃତ ଘୋଷଣା କରିଥିଲେ।

## ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟର ସମ୍ବର୍ଦ୍ଧନା ଉତ୍ସବ ୨୦ରେ

ବାଲେଶ୍ୱର,୧୦।୦୨ (ନି.ପ୍ର): ସମାଜରେ ବିଶିଷ୍ଟ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏନେଇ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟର ସଭାପତି ଆଇନଜୀବୀ ହରେକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଲେଫ୍ଟେନାଣ୍ଟ କର୍ଣ୍ଣେଲ ଲକ୍ଷ୍ମୀଧର ଭୂୟାଁ ଶୀର୍ଷାସନରେ ଦକ୍ଷତା ପ୍ରଦର୍ଶନ ପାଇଁ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ଼୍ ରେକର୍ଡ଼ ଭଳି ଏକ ବିଶ୍ୱସ୍ତରୀୟ ବିରଳ ରେକର୍ଡ଼ର ଅଧିକାରୀ ହୋଇଥିବାରୁ ଟ୍ରଷ୍ଟ୍ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିବାକୁ ଏହି ବୈଠକରେ ନିଷ୍ପତି ନିଆଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବ ଆସନ୍ତା ୨୦ ତାରିଖ ଶନିବାର ବ୍ରିଟ କଲ୍ୟାଣ ମଣ୍ଡପରେ ଆୟୋଜନ ପାଇଁ ବୈଠକରେ ସ୍ଥିର ହୋଇଅଛି। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ବାଲେଶ୍ୱର ଜିଲାପାଳ, ପୂର୍ବାଞ୍ଚଳ ଜୋନ ପୁଲିସ ଆଇଜି, ବାଲେଶ୍ୱରର ଏସପି. ଏବଂ ଚାନ୍ଦିପୁର ଆଇଟିଆର ଡାଇରେକ୍ଟରଙ୍କୁ ଅତିଥି ହିସାବରେ ଯୋଗ ଦେବାପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଟ୍ରଷ୍ଟର ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ପାତ୍ରଙ୍କ ସମେତ ଉପ-ସଭାପତି ରଘୁନାଥ ପ୍ରଧାନ, ଭାବଗ୍ରାହୀ ମହାନ୍ତି, କିଶୋର ଦାସ, ଅରବିନ୍ଦ ବାରିକ୍, ରାଧାକାନ୍ତ ମହାପାତ୍ର, ସୌରୀ ପରିଡ଼ା ଓ କୁମାର କାଶ୍ୟପ ପ୍ରମୁଖ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂପାଦକ କୁମାର କାଶ୍ୟପ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ : ୭୮ ମାମଲାରୁ ଉପସ୍ଥିତ ହେଲେ ୩୬

ଭଦ୍ରକ,୧୦।୦୨ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାର ହେବାକୁ ଥିବା ୭୮ଟି ମାମଲା ମଧ୍ୟରୁ ୩୬ଟି ମାମଲାର ପକ୍ଷ ଉପସ୍ଥିତ ହୋଇଥିଲେ। ମହିଳା ଆୟୋଗ ଅଧକ୍ଷା ମିନତୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କୋର୍ଟରେ ଉଭୟପକ୍ଷଙ୍କ ବୁଝାମଣାରେ ୧୦ଟି ମାମଲା ଫଏସଲା ହୋଇଥିବା ବେଳେ ୫ଟି ମାମଲାର ବିଚାର ପାଇଁ ଜିଲ୍ଲା ପୁଲିସକୁ ମାମଲା ହସ୍ତାନ୍ତର




କରାଯାଇଛି। ସେହିଭଳି ଜିଲ୍ଲା ମହିଳା ସୁରକ୍ଷା ଅଧିକାରିଣୀଙ୍କୁ ୨ଟି ମାମଲା, ଜିଲ୍ଲା ଆଇନସେବା ପ୍ରାଧିକରଣ ବିଭାଗକୁ ଗୋଟିଏ, ଅନ୍ୟ ବିଭାଗକୁ ୨ଟି ଓ ୧୬ଟି ମାମଲାର ପକ୍ଷଙ୍କୁ ପୁନଃହାଜର ପାଇଁ ନୋଟିସ୍ ଦିଆ ଯାଇଛି। ଆଜି ୨ଟି ନୂଆ ମାମଲା ଗ୍ରହଣ କରାଯାଇଛି। ଆଜି ହାଜର ହୋଇଥିବା ୩୬ଟି ମାମଲାର ପକ୍ଷଙ୍କ ମଧ୍ୟରୁ ଉଭୟ ପକ୍ଷ ୧୪ଟି ମାମଲାରେ, ୧୪ ମାମଲାର କେବଳ ଅଭିଯୋଗକାରୀ ଏବଂ ୪ଟି ମାମଲାର କେବଳ ବିରୋଧୀ ପକ୍ଷ ହାଜର ହୋଇଥିଲେ।

## ଓଡ଼ିଶା ବନ୍ଦ ପାଇଁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧୦।୦୨ (ନି.ପ୍ର): ଆସନ୍ତା ଫେବୃଆରୀ- ୧୫ତାରିଖରେ ଓଡ଼ିଶା ବନ୍ଦ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୁଧବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ବିଶ୍ୱଜିତ୍ ଦାଶଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଥିଲା। ପେଟ୍ରୋଲ ଓ ଡିଜେଲର ଆକାଶ ଛୁଆଁ ଦର ବୃଦ୍ଧି, ଦରଦାମ ବୃଦ୍ଧି, କେନ୍ଦ୍ରର କଳା କୃଷି ଆଇନ ପ୍ରତ୍ୟାହାର ପ୍ରସଙ୍ଗରେ ଏହି ବନ୍ଦ ଡାକରା ଦିଆଯାଇଛି। ସକାଳ ୭ଟାରୁ ଦିନ ୧ଘଂଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ତେବେ ଜରୁରୀକାଳିନ ସେବା ଚାଲୁ ରହିବ।

E-mail: ee_rwbdk@yahoo.com

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-I ,BHADRAK

"e" Procurement Notice for Road Works (Short Tender call Notice)
Bid Identification No. Online Tender 11 of 2020-21

1. Name of the Work : Roads (As per col.2 of Annexture available in the Portal)
2. Total No of Works : 1 No
3. Estimated Cost : Rs. 15.93 Lakh
4. Class of Contractor : "D"&"C"
5. Period of Completion : One month
6. Type of Tender : Single Cover
7. 0ther Details :

| Procurement Officer | Bid Indentification No. | Availability of Tender On-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | | 4 |
| Executive Engineer, Rural, Works Division-I; Bhadrak | Online-11 of 2020-21 | 15-02-2021 At-10.00 A.M | 22-02-2021 At-4.00 P.M | 23-02-2021 At-11.00 A..M. |

Further details can be seen from the e-procurement portal "https://tendersorissa.gov.in"

Sd/-Er. Kishore Chandra Khatua
Executive Engineer,
R.W. Division, Bhadrak

OIPR : 25060/11/0013/2021

# ଧାମନଗର ଏନ୍‌ଏସି ଅଞ୍ଚଳ ରାସ୍ତା କଡ଼ରେ ଜବରଦଖଲ ଯୋଗୁଁ ବଢୁଛି ଟ୍ରାଫିକ ସମସ୍ୟା

ଧାମନଗର,୧୦।୦୨ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସାନ ବଜାର ଠାରୁ ବଡ଼ ବଜାର ଏବଂ ଡ଼ାକ୍ତର ଖାନା ପର୍ଯ୍ୟନ୍ତ ଦିନକୁ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି। ବିଶେଷ କରି ସାପ୍ତାହର ୨ଦିନ ହାଟବାର ବୁଧବାର ଓ ରବିବାର ମାତ୍ର ୪ରୁ ୫ଶହ ମିଟର ରାସ୍ତା ପାର ହେବାକୁ ଘଂଟା ଘଂଟା ସମୟ ଲାଗୁଛି। ସମସ୍ୟା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଶୁଣି ଚୁପ ହୋଇ ବସିଛି। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖିନ ହେବା ସହ ଅସନ୍ତୋଷ ବଢୁଛି। ଦିନକୁ ଦିନ ଜନସଂଖ୍ୟା ସହ ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ଧାମନଗର ବଜାରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ହେଉ ନାହିଁ। ଧାମନଗର ସାନ ବଜାର( ବିଜୁପଟ୍ଟନାୟକ ଛକ) ଠାରୁ ମେଡ଼ିକାଲ ବଜାର ପ୍ରାୟ ୫ଶହ ମିଟର ରାସ୍ତାର ଉଭୟ ପାର୍ଶ୍ୱର ସରକାରୀ ଜମିକୁ କେତେକ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଛନ୍ତି। କେତେକ ସ୍ଥାନରେ ରାସ୍ତକୁ ଲଗାଇ ଘରକରିଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଭଦ୍ରକରୁ କ୍ଷେଣ୍ଟପୁରକୁ ସଂଯୋଗ କରୁଥିବା ଏହି ରାସ୍ତାରେ ପ୍ରତିଦିନ ଭଦ୍ରକ ଓ ପଡ଼ୋଶୀ ଜିଲ୍ଲାକୁ ବହୁ ଗାଡ଼ିମୋଟର ଯାତାୟତ କରୁଛି। ଦୈନିକ ହଜାର ହଜାର ଯାନବାହନ ଚଳାଚଳ କରୁଥିଲେ ହେଁ ରାସ୍ତା ସମ୍ପ୍ରସାରଣ କରାଯାଉନାହିଁ। ଏପରିକି




ଧାମନଗର ବଡ଼ବଜାର ଠାରେ ଥିବା ଛକ ନିକଟରେ ଅଧିକ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଧାମନଗରରୁ ଫଳପୁର ଯାଇଥିବା ଏହି ମୁଖ୍ୟରାସ୍ତା ନିର୍ମାଣରେ ୨ପ୍ରମୁଖ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲଗିଥିବାବେଳେ ମୁଖ୍ୟ ପ୍ରବେଶ ପଥରେ ଜବରଦଖଲ ହେତୁ ରାସ୍ତା ତିଆରି ହୋଇପାରୁ ନାହିଁ। ଏହା ସହିତ କେତେକ ବଡ଼ ବଡ଼ ଦୋକାନି ନିଜ ଦୋକାନ ଓ ଗୋଦାମ ଗୃହ ସମ୍ମୁଖରେ ଗାଡ଼ି ମୋଟର ପାର୍କିଂ ଓ ମାଲ ଲୋଡ଼ିଂ ଅନ୍‌ଲୋଡ଼ିଂ କରିବା ଯୋଗୁ ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେଉଛି। ବିଶେଷ କରି ଧାମନଗର ହାଟବାର ବୁଧବାର ଓ ରବିବାରରେ ରାସ୍ତା ଏତେ ଭିଡ଼ ହେଉଛିଯେ ସାଧାରଣ ଲୋକଙ୍କୁ ଏଇ କେତେଶହ ମିଟର ରାସ୍ତା ପାର ହେବାକୁ ଘଂଟା ଘଂଟା ସମୟ ଲାଗୁଛି। ଧାମନଗର ମୁଖ୍ୟ ବଜାର ଠାରେ ବସୁଥିବା ପରିବା ହାଟକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବାରମ୍ବାର ଦାବି ହେଉଥିଲେ ମଧ କର୍ତ୍ତୃପକ୍ଷ ନିରବ ରହୁଥିବା ହେତୁ ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେଉଛି। ଅପର ପକ୍ଷରେ ଧାମନଗର ୨୦୧୭ ମସିହାରୁ ସହରାଂଚଳ ମାନ୍ୟତା ପାଇଥିବାବେଳେ ୩ବର୍ଷ ଅତିକ୍ରାନ୍ତ କରିଥିଲେହେଁ ବଜାରରେ ଏଯାବତ ବସଷ୍ଟାଣ୍ଡ ନଥିବାରୁ ଭଦ୍ରକ, ଭୁବନେଶ୍ୱର, କଟକ, କଲିକତା ଆଦି ସ୍ଥାନକୁ ଯାଉଥିବା ବଡ଼ ବଡ଼ ବସ ବହୁ ସମୟ ଧରି ରାସ୍ତା ଉପରେ ଠିଆ ହେଉଛି। ତେବେ ସବୁ ଜାଣି ଶୁଣି ସ୍ଥାନୀୟ ପୋଲିସ ପ୍ରଶାସନ ନିରବ ରହୁଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo